

# ସତ୍ୟବାକ୍ୟ

# THE WORD OF TRUTH

**JAN - FEB 2020**

An Oriya Bimonthly Bulletin published by the

**CHURCH OF CHRIST**

# THE VOICE OF TRUTH

Edited and Published by

***Joshua & Kabita Gootam***

**Vol25 Jan & Feb 2020 No : 1**


# CHURCH OF CHRIST


P.O. Box - 80, Kakinada, A.P. 533 001.

Ph : 0884-2363722


# JESUS GOD AND MAN

(Phil 2 : 5-11)

- Joshua Gootam

**INTRO :**

- 24 hours before Jesus died on the cross, he comforted His disciples. " Let not your heart be troubled" (John 14:1)
- But who is Jesus ? Is He God or Man or both?
- Jesus referred to Himself always as Son of Man.
- But humans confessed Him as the Son of God.Peter in Matt 16:16 Martha in John 11:27
- While on Earth He was 100% God and 100% Man.

**JESUS IS GOD FROM THE BEGINNING :**

- We Know there are 3 Persons in Godhead. Our God is One Being but three in persons! Trinity!..........
- Out of the three in the God Head Father speaks to the universe through the WORD. The Word is Jesus. (Jn 1:1)
- Jesus is the spokesman. "కుమారుని ద్వారా మాటలాడెను" Heb 1:2
- Out of the three only Jesus is the Creating agent "ఆయన ద్వారా ప్రపంచములను నిర్మించెను" Heb 1:2-3
- Every thing came into being through Jesus. (Jn. 1:2-3, Col 1:15-17)

**JESUS WAS GOD OF THE O.T.:**

- He was God of Abraham, Isaac, Jacob and Moses.
- He was known to them as God Almighty! Ex 6:1-2
- Jehovah declared He was First and last. Isa 44:6
- Rev. 1:17-18 & 2;8 Jesus was the First & the Last, died & arose again!
- Isa 45:22 Jehovah says Every knee Would bow before Him.
- But Phil 2:10-11 says every knee would bow before the Name of Jesus and every tongue would confess Him.

# ସତ୍ୟବାଣୀ

# VOICE OF TRUTH

VOL - XXV   KAKINADA   JAN-FEB-2020


## ନୂତନ ଆକାଶ ମଣ୍ଡଳ ଓ ନୂତନ ପୃଥିବୀ

### (New Heavens and a new Earth)

"ବିଳମ୍ବ ବୋଲି ଯେପରି କେତେକ ଭାବନ୍ତି, ପ୍ରଭୁ ଆପଣା ପ୍ରତିଜ୍ଞା ବିଷୟରେ ଯେପରି ବିଳମ୍ବ କରନ୍ତି ନାହିଁ, ଯେପରି କେହି ବିନଷ୍ଟ ନ ହୁଅନ୍ତି ବରଂ ସମସ୍ତେ ମନ ପରିବର୍ତ୍ତନ କରନ୍ତି, ଏହା ଇଚ୍ଛା କରି ସେ ତୁମ୍ଭ ମାନଙ୍କ ପ୍ରତି ଦୀର୍ଘ ସହିଷ୍ଣୁ ଅଟନ୍ତି । ପ୍ରଭୁଙ୍କ ଦିନ ଚୋର ପରି ଉପସ୍ଥିତ ହେବ । ସେହିଦିନ ଆକାଶ ମଣ୍ଡଳ ମହାଶବ୍ଦ ସହ ଲୋପ ପାଇବ ପୁଣି ମୌଳିକ ବସ୍ତୁ ସବୁ ପ୍ରଚଣ୍ଡ ଉତ୍ତାପରେ ତରଳିଯିବ, ଏବଂ ପୃଥିବୀ ଓ ତନ୍ମଧ୍ୟସ୍ଥ ମନୁଷ୍ୟାକୃତ ବସ୍ତୁ ସବୁ ଦଗ୍ଧ ହେବ । ଏହି ସମସ୍ତ ବିଷୟ ଏହି ପ୍ରକାରେ ଲୁପ୍ତ ହେବାରୁ ଈଶ୍ୱରଙ୍କ ଯେଉଁ ବିଚାର ଦିନରେ ଆକାଶ ମଣ୍ଡଳ ଜଳିଉଠି ଲୁପ୍ତ ହେବ, ଓ ମୌଳିକ ବସ୍ତୁ ସବୁ ପ୍ରଚଣ୍ଡ ଉତ୍ତାପରେ ତରଳିଯିବ । ସେହି ଦିନର ଅପେକ୍ଷା କରେ, ତାହା ଯେପରି ଶୀଘ୍ର ଆସିବ, ଏଥିପାଇଁ ତୁମ୍ଭେମାନେ କିପରି ସଦାଚାରି ଓ ଧର୍ମପରାୟଣ ହେବା ଉଚିତ । ଆମ୍ଭେମାନେ ତାହାଙ୍କ ପ୍ରତିଜ୍ଞାନୁସାରେ ନୂତନ ଆକାଶ ମଣ୍ଡଳ ଓ ନୂତନ ପୃଥିବୀର ଅପେକ୍ଷାରେ ଅଛୁ, ତାହା ଧାର୍ମିକତାର ଆବସ ସ୍ଥଳ ହେବ । ଅତଏବ, ହେ ପ୍ରିୟମାନେ ତୁମ୍ଭେମାନେ ଏହି ସମସ୍ତ ବିଷୟ ଅପେକ୍ଷା କରୁ ଥିବାରୁ ତାହାଙ୍କ ଛାମୁରେ ଯେପରି ନିଷ୍କଳଙ୍କ ଅନିନ୍ଦନୀ ହୋଇ ଶାନ୍ତିରେ ଥିବାର ଦେଖାଯିବ, ଏଥିପାଇଁ ଯତ୍ନକର ।" (୨ ପିତର ୩: ୧୪) ।

ଏହି ବାକ୍ୟାଂଶରେ ଶେଷ ଦିନ ବିଷୟରେ ପ୍ରେରିତ ପିତର ବର୍ଣ୍ଣନା କରି ଅଛନ୍ତି । ଆମ୍ଭମାନେ ଦେଖୁଥିବା ଏହି ପୃଥିବୀ ଓ ସମସ୍ତ ବିଶ୍ୱ ଅସ୍ଥାୟୀ । ସମସ୍ତ ଅସ୍ଥାୟୀ ବିଷୟ ସଂମ୍ପୂର୍ଣ୍ଣ ଭାବେ ବିନଷ୍ଟ ହେବ । ଏହି ବାକ୍ୟରେ "ମହାଶବ୍ଦ ସହ

ଲୋପ ପାଇବା" "ପ୍ରଚଣ୍ଡ ଉତ୍ତାପରେ ତରଳି ଯିବା" ଓ "ବସ୍ତୁସବୁ ଦଗଧ୍ ହେବ," ଏହି ପଦ ଗୁଡ଼ିକ ସମସ୍ତ ଦୃଶ୍ୟ ବିଷୟ ବିନିଷ୍ଟ ହେବ ବୋଲି ଜାଣିପାରୁ । ଏହି ପୃଥିବୀ ବର୍ତ୍ତମାନ ସମସ୍ତ ମାନବ ଜାତି ଓ ପ୍ରାଣୀ ଜଗତର ନିବାସ ସ୍ଥାନ ।

ଏହି ପୃଥିବୀ ଓ ବିଶ୍ୱ ବିନଷ୍ଟ ହେବା ପରେ ମନୁଷ୍ୟମାନଙ୍କ ନିବାସ ସ୍ଥଳ ନିମନ୍ତେ ଏକ ନିବାସ ସ୍ଥଳ ଆବଶ୍ୟକ । ଏହି ସ୍ଥଳକୁ ପ୍ରେରିତ ପିତର "ଧାର୍ମିକତାର ଆବାସସ୍ଥଳ" ରୂପେ ବର୍ଣ୍ଣନା କରନ୍ତି । (୨ୟ ପିତର ୩:୧୩) ।

ଏହି ଦୃଶ୍ୟ ଜଗତ ମନୁଷ୍ୟମାନଙ୍କ ତଥା ସମସ୍ତ ପ୍ରାଣୀ ଜଗତର ଆବଶ୍ୟକତା ପୂରଣ କରେ । କିନ୍ତୁ ଏହି ଛାର ମନୁଷ୍ୟ ଅନନ୍ତ ଆତ୍ମା ବିଶିଷ୍ଟ । (ଏବ୍ରୀ ୧୦:୩୯, ଯାକୁବ ୫:୨୦ ଓ ୧ମ ପିତର ୨:୧୧) । "ପୁଣି ଧୂଳି ପୂର୍ବପରି ମୃତ୍ତିକାରେ ଲୀନ ହେବ, ଆଉ ଆତ୍ମାଦାତା । ପରମେଶ୍ୱରଙ୍କ ନିକଟକୁ ଆତ୍ମା ଫେରି ଯିବ ।"(ଉପଦେଶକ ୧୨:୭) । ପ୍ରଭୁଙ୍କ ଆଗମନରେ ଆମ୍ଭମାନଙ୍କ କ୍ଷୟ ଶରୀର, ଅକ୍ଷୟ ଶରୀରରେ ପରିବର୍ତ୍ତିତ ହେବ , ଯାହା "ଧାର୍ମିକତା ଆବସ ସ୍ଥଳ"ରେ ବାସ କରିବ ।

"ଯେଉଁମାନେ ମୃତ୍ତିକାରେ ନିର୍ମିତ, ସେମାନେ ମୃତ୍ତିକାରେ ନିର୍ମିତ ସେହି ମନୁଷ୍ୟ ତୁଲ୍ୟ, ପୁଣି ଯେଉଁମାନେ ସ୍ୱର୍ଗୀୟ, ସେମାନେ ସ୍ୱର୍ଗରୁ ଆଗତ ସେହି ବ୍ୟକ୍ତି ତୁଲ୍ୟ । ଆଉ ଆମ୍ଭେମାନେ ଯେପରି ମୃତ୍ତିକାରେ ନିର୍ମିତ ସେହି ମନୁଷ୍ୟର ପ୍ରତିମୂର୍ତ୍ତି ଧାରଣ କରିଅଛୁ ସେପରି ସେହି ସ୍ୱର୍ଗୀୟ ବ୍ୟକ୍ତିଙ୍କ ପ୍ରତିମୂର୍ତ୍ତି ମଧ୍ୟ ଧାରଣ କରିବା । ହେ ଭାଇମାନେ ଏହା ମୁଁ କହୁଅଛି ରକ୍ତମାଂସ ଈଶ୍ୱରଙ୍କ ରାଜ୍ୟ ଅଧିକାର କରିପାରେ ନାହିଁ, କିମ୍ବା କ୍ଷୟ ଅକ୍ଷୟତାକୁ ଅଧିକାର କରେ ନାହିଁ, ଦେଖ ମୁଁ ତୁମ୍ଭମାନଙ୍କୁ ଗୋଟିଏ ନିଗୁଢ କଥା କହୁଅଛି, ଆମ୍ଭେମାନେ ସମସ୍ତେ ମହାନିଦ୍ରା ପ୍ରାପ୍ତ ହେବା ନାହିଁ, କିନ୍ତୁ ଏକ ମୂହୁର୍ତ୍ତରେ ଚକ୍ଷୁର ପଲକରେ ଶେଷ ତୂରୀ ଧ୍ୱନିରେ ଆମ୍ଭେମାନେ ସମସ୍ତେ ପରିବର୍ତ୍ତିତ ହେବା, କାରଣ ତୂରୀ ବାଜିବ, ଆଉ ମୃତମାନେ ଅକ୍ଷୟ ହୋଇ ଉତ୍‌ଥିତ ହେବେ,ଆମ୍ଭେମାନେ ପରିବର୍ତ୍ତିତ ହେବା । କାରଣ ଏହି କ୍ଷୟ ଶରୀରକୁ ଅକ୍ଷୟତା ରୂପ ବସ୍ତ୍ର ପରିଧାନ କରିବାକୁ ହେବ । ଆଉ ଏହି ମର୍ତ୍ତ୍ୟ ଶରୀରକୁ ଅମରତା ବସ୍ତ୍ର ଧାରଣ କରିବାକୁ ହେବ ।" (୧ମ କରିନ୍ଥୀ ୧୫:୪୮-୫୩) ।

ଆତ୍ମିକ ଶରୀରରେ ପରିବର୍ତ୍ତିତ ହେବା ପରେ ଶାରିରୀକ ଆବସ ସ୍ଥଳର ଆବଶ୍ୟକତା ରହିବ ନାହିଁ । ପ୍ରେରିତ ପିତରଙ୍କ ଉଲ୍ଲେଖିତ ନୂତନ ଆକାଶମଣ୍ଡଳ ଓ

"ନୂତନ ପୃଥିବୀ" ଧାର୍ମିକ ଆତ୍ମାମାନଙ୍କ ନିବାସ ସ୍ଥଳ । "ନୂତନ ଆକାଶ ମଣ୍ଡଳ ଓ ନୂତନ ପୃଥିବୀ" ବିଷୟରେ ପୁରାତନ ନିୟମରେ ଯିଶାଇୟ ୬୫:୧୭ ଓ ୬୬:୨୨ ଓ ନୂତନ ନିୟମରେ ପ୍ରକାଶିତ ବାକ୍ୟ ୨୧:୧ ପଦରେ ପଢ଼ିପାରୁ ।

**- Louis Rushmore**

❋❋❋

# ଗୀତ ୧୧୯

## (Pslams 119)

ଗୀତ ୧୧୯ ସବୁଠାରୁ ଦୀର୍ଘ ଗୀତ । ଏହା ବାଇବଲର ଦୀର୍ଘତମ ଅଧ୍ୟାୟ । ଏହା ଏକ ଶୃତି ମଧୁର ଗାନ । ଏହି ଗୀତ ୨୨ ଭାଗରେ ବିଭକ୍ତ । ପ୍ରତିଭାଗ ଏବ୍ରୀ ବର୍ଣ୍ଣମାଳାର ପ୍ରତ୍ୟେକ ପଦରେ ଗଠିତ । ଏବ୍ରୀ ଭାଷାରେ ୨୨ ଅକ୍ଷର ଥିବାରୁ, ଏହି ଗୀତ ୨୨ ଭାଗରେ ବିଭକ୍ତି । ପ୍ରତ୍ୟେକ ଭାଗରେ ୮ଟି ଧାଡ଼ି ଓ ପ୍ରତ୍ୟେକ ଧାଡ଼ିର ପ୍ରଥମ ଅକ୍ଷରର ଏବ୍ରୀ ବର୍ଣ୍ଣମାଳାର ଅକ୍ଷର ସହ ରଚିତ । ଏହି ଗୀତ ଏକ ସୃତି ମଧୁର, ଆଶ୍ଚର୍ଯ୍ୟମୟ ରଚନା । ପ୍ରତ୍ୟେକ ପଦ ପରମେଶ୍ୱରଙ୍କ ବ୍ୟବସ୍ଥାର, ପରମେଶ୍ୱରଙ୍କ ବାକ୍ୟର ବିଶେଷତା ବର୍ଣ୍ଣନା କରେ । ପ୍ରଥମ ପଦ :- ଏହା ସଦାପ୍ରଭୁଙ୍କ ବ୍ୟବସ୍ଥା, ଦ୍ୱିତୀୟ ପଦ:- ପ୍ରମାଣ ବାକ୍ୟ, ତୃତୀୟ ପଦ :- ପଥ, ଚତୁର୍ଥ ପଦ:- ବିଧାନ, ପଞ୍ଚମ ପଦ :- ଆଜ୍ଞା, ଷଷ୍ଠ ପଦ :- ଧର୍ମମୟ ଶାସନ ସକଳ, ସପ୍ତମ ପଦ :- ବିଧି ପ୍ରଭୃତି ।

**ସଦାପ୍ରଭୁଙ୍କ ବାକ୍ୟ ଆମ୍ଭମାନଙ୍କ ନିମନ୍ତେ ଆମୋଦ ଓ ଆନନ୍ଦ :-**

"ଯେପରି ସମୁଦାୟ ଧନରେ, ସେପରି ମୁଁ ତୁମ୍ଭ ପ୍ରମାଣ ବାକ୍ୟରୂପ ପଥରେ ଆମୋଦ କରିବି ।" (୧୧୯:୧୪) । "ମୁଁ ତୁମ୍ଭ ବିଧି ସବୁରେ ଆନନ୍ଦ କରିବି ଓ ମୁଁ ତୁମ୍ଭର ବାକ୍ୟ ପାସୋରିବି ନାହିଁ ।" "ମୁଁ ତୁମ୍ଭର ବିଧି ସବୁର ଆନନ୍ଦ କରିବି, ମୁଁ ତୁମ୍ଭର ବାକ୍ୟ ପାସୋରିବି ନାହିଁ ।" (୧୧୯:୧୬) । "ତୁମ୍ଭର ସକଳ ପ୍ରମାଣ ବାକ୍ୟ ମଧ୍ୟ ମୋହର ଆନନ୍ଦ ଜନକ ଓ ମନ୍ତ୍ରଣାଦାୟକ ।" (୧୧୯:୨୪) । "ହଜାର ହଜାର ସୁନା ଓ ରୂପା ଅପେକ୍ଷା ତୁମ୍ଭ ମୁଖର ବ୍ୟବସ୍ଥା ମୋ ପ୍ରତି ଉତ୍ତମ ।" (୧୧୯:୭୨) । "ମୁଁ ତୁମ୍ଭର ବ୍ୟବସ୍ଥାକୁ କିପରି ପ୍ରିୟ ମଣେ । ତାହା ଦିନଯାକ ମୋହର ଧ୍ୟାନ ।" (୧୧୯:୯୭)।

**ସଦାପ୍ରଭୁଙ୍କ ବାକ୍ୟ ଆମ୍ଭମାନଙ୍କୁ ପାପ ଫାନ୍ଦରୁ ରକ୍ଷା କରେ :-**

"ଯୁବା ମନୁଷ୍ୟ କି ପ୍ରକାରେ ଆପଣା ପଥ ପରିଷ୍କାର କରିବ ? ତୁମ୍ଭ ବାକ୍ୟାନୁଯାୟୀ ତହିଁ ବିଷୟରେ ସାବଧାନ କରିବ ।" (୧୧୯:୯) । "ମୁଁ ଯେପରି ତୁମ୍ଭ ବିରୁଦ୍ଧରେ

ପାପ ନ କରେ, ଏଥିପାଇଁ ମୁଁ ଆପଣା ହୃଦୟ ମଧ୍ୟରେ ତୁମ୍ଭର ବାକ୍ୟ ସଞ୍ଚୟ କରି ରଖିଅଛ ।" (୧୧୯:୧୧) ।

**ସଦାପ୍ରଭୁଙ୍କ ବାକ୍ୟ ନିତ୍ୟସ୍ଥାୟୀ ଓ ଅପରବର୍ତ୍ତନୀୟ :-**

"ହେ ସଦାପ୍ରଭୁ, ତୁମ୍ଭ ବାକ୍ୟ ଅନନ୍ତକାଳ ନିମନ୍ତେ ସ୍ୱର୍ଗରେ ସଂସ୍ଥାପିତ ଅଛି ।" (୮୯ ପଦ) । "ତୁମ୍ଭର ଧର୍ମ ଆନନ୍ତକାଳ ସ୍ଥାୟୀ ଧର୍ମ ଓ ତୁମ୍ଭର ବିଧାନସବୁ ପାଶୋରୁ ନାହିଁ ।" (୧୪୨ ପଦ) । "ତୁମ୍ଭର ପ୍ରମାଣ ବାକ୍ୟ ସକଳ ସଦାକାଳ ଧର୍ମମୟ, ମୋତେ ବୁଦ୍ଧି ପ୍ରଦାନ କର, ତହିଁରେ ମୁଁ ବଞ୍ଚିବି ।" (୪୪ ପଦ) । "ତୁମ୍ଭର ସମୁଦାୟ ବାକ୍ୟ ସତ୍ୟ ଓ ତୁମ୍ଭର ଧର୍ମମୟ ପ୍ରତ୍ୟେକ ଶାସନ ନିତ୍ୟସ୍ଥାୟୀ ।" (୧୬୦ ପଦ) ।

**ସଦାପ୍ରଭୁଙ୍କ ବାକ୍ୟ ଆମ୍ଭମାନଙ୍କୁ ସାନ୍ତ୍ୱନା ଦିଏ :-**

"ଦୁଃଖ ସମୟରେ ଏହାହିଁ ମୋହର ସାନ୍ତ୍ୱନା, କାରଣ ତୁମ୍ଭର ବାକ୍ୟ ମୋତେ ସଚେତ କରିଅଛି ।" (୫୦ମ ପଦ) । "ଦୁଃଖଗ୍ରସ୍ତ ହେବା ପୂର୍ବରେ ମୁଁ ବିପଥରେ ଗଲି, ମାତ୍ର ଏବେ ମୁଁ ତୁମ୍ଭ ବାକ୍ୟ ପାଳନ କରେ ।" (୬୭ ପଦ) । "ମୁଁ ଯେପରି ତୁମ୍ଭର ବିଧିସବୁ ଶିଖିବି, ଏଥିପାଇଁ ମୁଁ ଯେ ଦୁଃଖଗ୍ରସ୍ତ ହେଲି, ଏହା ମୋ ପକ୍ଷରେ ଭଲ ହେଲା ।" (୭୧ମ ପଦ) । "କ୍ଳେଶ ଓ ଯନ୍ତ୍ରଣା ମୋତେ ଆକ୍ରମଣ କରିଅଛି, ତେବେ ହେ ତୁମ୍ଭ ଆଜ୍ଞାସମୂହ ମୋହ୍ର ଆହ୍ଲାଦ ଜନକ ।" (୧୪୩ମ ପଦ) ।

**ସଦାପ୍ରଭୁଙ୍କ ବାକ୍ୟ ଆମ୍ଭମାନଙ୍କୁ ମିଥ୍ୟାପଥରୁ ରକ୍ଷା କରେ :-**

"ତୁମ୍ଭର ବିଧାନ ଦ୍ୱାରା ମୁଁ ବୁଦ୍ଧି ପ୍ରାପ୍ତ ହୁଏ, ଏଥିପାଇଁ ମୁଁ ପ୍ରତ୍ୟେକ ମିଥ୍ୟାପଥ ଘୃଣା କରେ ।" (୧୦୪ ପଦ) । "ମୁଁ ସବୁ ବିଷୟରେ ତୁମ୍ଭର ସକଳ ବିଧାନ ଯଥାର୍ଥ ଜ୍ଞାନ କରେ ଓ ପ୍ରତ୍ୟେକ ମିଥ୍ୟାପଥ ଘୃଣା କରେ ।" (୧୨୮ମ ପଦ) ।

**ସଦାପ୍ରଭୁଙ୍କ ବାକ୍ୟ ଦୁଷ୍ଟ ସହଭାଗୀୟ ବଞ୍ଚାଏ :-**

"ଯେଉଁମାନେ ତୁମ୍ଭଙ୍କୁ ଭୟ କରନ୍ତି ଓ ବିଧାନସବୁ ପାଳନ୍ତି, ମୁଁ ସେମାନଙ୍କର ସଙ୍ଗୀ । ହେ ସଦାପ୍ରଭୁ, ପୃଥିବୀ ତୁମ୍ଭ ଦୟାରେ ପରିପୂର୍ଣ୍ଣ ।" (୭୯ ପଦ) ।

**ସଦାପ୍ରଭୁ ବାକ୍ୟ ଆମ୍ଭମାନଙ୍କ ପଥ ପ୍ରଦର୍ଶକ :-**

"ତୁମ୍ଭ ବାକ୍ୟ ମୋ ଚରଣ ପାଇଁ ପ୍ରଦୀପ ଓ ମୋ ପଥ ପାଇଁ ଆଲୁଅ ଅଟେ ।" (୧୦୫ମ ପଦ) । "ବ୍ୟବସ୍ଥା ସ୍ନେହକାରୀମାନେ ମହାଶାନ୍ତି ପ୍ରାପ୍ତ ହୁଅନ୍ତି । ପୁଣି, ସେମାନଙ୍କର ଝୁଣ୍ଟିବାର କୌଣସି କାରଣ ଘଟେ ନାହିଁ ।" (୧୬୫ମ ପଦ) ।

**- Cecil May Jr.**

❋❋❋

# ଖ୍ରୀଷ୍ଟ ତାହାଙ୍କ ଶରୀରର ପରିତ୍ରାଣ କର୍ତ୍ତା ଅଟନ୍ତି
## (Christ is the Sarviour of the Body)

ଏଫିସୀ ୫:୨୨ ୩ ପଦରେ ପ୍ରେରିତ ପାଉଲ ଲେଖନ୍ତି, "କାରଣ ଖ୍ରୀଷ୍ଟ ଯେପରି ମଣ୍ଡଳୀର ମସ୍ତକ ସ୍ୱରୂପ, ସ୍ୱାମୀ ମଧ୍ୟ ସେହିପରି ସ୍ତ୍ରୀର ମସ୍ତକ ସ୍ୱରୂପ, ପୁଣି ଖ୍ରୀଷ୍ଟ ଆପଣା ଶରୀରରୂପ ମଣ୍ଡଳୀର ତ୍ରାଣକର୍ତ୍ତା ।" "ପିତା ପରମେଶ୍ୱରଙ୍କ ବିଷୟରେ ପାଉଲ କହନ୍ତି, "ଆଉ ସମସ୍ତ ବିଷୟ ତାହାଙ୍କ ପାଦ ତଳେ ବଶୀଭୂତ କରି ରଖି ତାହାଙ୍କୁ ସର୍ବ ବିଷୟର ମସ୍ତକ ସ୍ୱରୂପ, ମଣ୍ଡଳୀକୁ ଦାନ କଲେ । ସେହି ମଣ୍ଡଳୀ ତାହାଙ୍କ ଶରୀର ସ୍ୱରୂପ, ଅର୍ଥାତ୍, ଯେ ସମସ୍ତ ବିଷୟକୁ ସର୍ବତୋଭାବେରେ ପୂର୍ଣ୍ଣ କରନ୍ତି, ତାହାଙ୍କର ପୂର୍ଣ୍ଣତା ।" (ଏଫିସୀ ୫:୨.୨୩) । ଖ୍ରୀଷ୍ଟଙ୍କ ବିଷୟରେ କଲସୀ ମଣ୍ଡଳୀକୁ ପ୍ରେରିତ ପାଉଲ କହନ୍ତି । "ଆଉ, ସେ ମଣ୍ଡଳୀରୂପ ଶରୀରର ମସ୍ତକ ସ୍ୱରୂପ, ସେ ଆଦି ମୃତମାନଙ୍କ ମଧ୍ୟରୁ ପ୍ରଥମଜାତ, ଯେପରି ସମସ୍ତ ବିଷୟରେ ସେ ଅଗ୍ରଗଣ୍ୟ ହୁଅନ୍ତି ।" ... ...ମୁଁ ତୁମ୍ଭମାନଙ୍କ ନିମନ୍ତେ ଯେଉଁସବୁ ଦୁଃଖଭୋଗ କରୁଅଛି, ସେଥିରେ ଏବେ ଆନନ୍ଦ କରୁଅଛି, ଆଉ ଖ୍ରୀଷ୍ଟଙ୍କର ଯେଉଁ କ୍ଲେଶଭୋଗ ବାକି ଅଛି, ତାହା ମୁଁ ତାହାଙ୍କ ଶରୀରରୂପ ମଣ୍ଡଳୀ ନିମନ୍ତେ ମୋହର ଶରୀରରେ ପୂରଣ ପୂରଣ କରୁଅଛି ।" (କଲସୀ ୧:୧୮ ଓ ୨୪) ।

ଖ୍ରୀଷ୍ଟ, ତାହାଙ୍କ ଶରୀରର ତ୍ରାଣକର୍ତ୍ତା ଅଟନ୍ତି । ଅର୍ଥାତ୍ ସେ ମଣ୍ଡଳୀର ତ୍ରାଣକର୍ତ୍ତା ଅଟନ୍ତି । ପ୍ରଶ୍ନ ଉଠେ, "କେଉଁ ମଣ୍ଡଳୀ"ର ? ଆଜିର ଜଗତରେ ବିଭିନ୍ନ ନାମରେ, ବିଭିନ୍ନଭାବେ ଅସଂଖ୍ୟ ଅସଂଖ୍ୟ ମଣ୍ଡଳୀ ସ୍ଥାପିତ ହୋଇଅଛି । ଏହି ମଣ୍ଡଳୀଗୁଡିକ ବିଭିନ୍ନ ନାମ ଧାରଣ କରି ବିଭିନ୍ନ ପ୍ରଥା ଅବଲମ୍ବନ କରନ୍ତି ଓ ବିଭିନ୍ନ ଶିକ୍ଷା ଦିଅନ୍ତି । ପ୍ରଥମ ଶତାବ୍ଦୀରେ ଖ୍ରୀଷ୍ଟଙ୍କ ସ୍ଥାପିତ ଏକମାତ୍ର ମଣ୍ଡଳୀ ଥିଲା । "ମୁଁ ଆପଣା ମଣ୍ଡଳୀ ତୋଳିବି... ବୋଲି ସେ ପ୍ରତିଜ୍ଞା କରିଥିଲେ ।" (ମାଥିଉ ୧୬:୧୮) । ବାକ୍ୟ କହେ, ".... ପୁଣି, ପ୍ରଭୁ ପରିତ୍ରାଣ ପ୍ରାପ୍ତ ହେଉଥିବା ଲୋକଙ୍କୁ ପ୍ରତିଦିନ ମଣ୍ଡଳୀ ସହିତ ସଂଯୁକ୍ତ କରିବାକୁ ଲାଗିଲେ ।" (ପ୍ରେରିତ ୨:୪୭) । ଯେଉଁମାନେ ତାହାଙ୍କ ଆଜ୍ଞାବହ ହୁଅନ୍ତି ସେମାନେ ପରିତ୍ରାଣ ପ୍ରାପ୍ତ ହୁଅନ୍ତି । (ମାର୍କ ୧୬:୧୬ ଓ ପ୍ରେରିତ ୨:୩୮) ।

ପରିତ୍ରାଣ ପ୍ରାପ୍ତ ହେବା ବ୍ୟକ୍ତିମାନଙ୍କୁ ସେ ଏକମାତ୍ର ମଣ୍ଡଳୀରେ ସଂଯୁକ୍ତ କରନ୍ତି, କିନ୍ତୁ ବିଭିନ୍ନ ମଣ୍ଡଳୀରେ ସଂଯୁକ୍ତ କରନ୍ତି ନାହିଁ । ତାହାଙ୍କ ମଣ୍ଡଳୀ ତାହାଙ୍କ ନାମ ଧାରଣ କରେ । (୧ମ କରନ୍ଥୀ ୧୨:୨୭ ଓ ରୋମୀୟ ୧୬:୧୬) । ତାହାଙ୍କ ଆତ୍ମୀୟ

ଶରୀରର ଅଙ୍ଗପ୍ରତ୍ୟଙ୍ଗ ଅର୍ଥାତ୍ ମଣ୍ଡଳୀର ସଭ୍ୟମାନେ, ତାହାଙ୍କ ନାମରେ ଖ୍ୟାତ ହୁଅନ୍ତି । (ପ୍ରେରିତ ୧୧:୨୬) । ସେମାନେ ପରମେଶ୍ୱରଙ୍କୁ ଆତ୍ମା ଓ ସତ୍ୟରେ ଉପାସନା କରନ୍ତି । (ଯୋହନ ୪:୨୪) । ସେମାନେ ସମସ୍ତ ବିଷୟରେ ଖ୍ରୀଷ୍ଟଙ୍କ ଶିକ୍ଷା ଅବଲମ୍ବନ କରନ୍ତି । (୨ ଯୋହନ ୯ମ ପଦ) । "ଯେଣୁ ଆମ୍ଭେମାନେ ଯିହୂଦୀ ହେଉ ବା ଗ୍ରୀକ୍ ହେଉ ବା ସ୍ୱାଧୀନ ହେଉ, ସମସ୍ତେ ତ ଏହି ଆତ୍ମାଙ୍କ ଦ୍ୱାରା ଏକ ଶରୀର ହେବା ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛୁ, ଆଉ ସମସ୍ତେ ଏକ ଆତ୍ମାରୁ ପାନ କରିଅଛୁ ।" (୧ମ କରିନ୍ଥୀ ୧୨:୧୩) । ଏହି ଜଗତରେ ବିଭିନ୍ନ ମଣ୍ଡଳୀ ସ୍ଥାପିତ ହେବା ପୂର୍ବେ, ପବିତ୍ର ଆତ୍ମାଙ୍କ ଦ୍ୱାରା ଚାଳିତ ଆଜ୍ଞାବହ ପ୍ରତ୍ୟେକ ବ୍ୟକ୍ତି ଖ୍ରୀଷ୍ଟଙ୍କ ମଣ୍ଡଳୀରେ ସଂଯୁକ୍ତ ହୋଇଥିଲେ ।

ଖ୍ରୀଷ୍ଟଙ୍କ ସ୍ଥାପିତ ମଣ୍ଡଳୀ, ନୋହଙ୍କ ନିର୍ମିତ ଜାହାଜର ସମତୁଲ୍ୟ ଅଟେ । ଆଗାମୀ ମହାବନ୍ୟାରୁ ବଞ୍ଚିତ ହେବା ନିମନ୍ତେ ନୋହଙ୍କୁ ଓ ତାହାଙ୍କ ପରିବାର ବର୍ଗଙ୍କୁ ଜାହାଜରେ ପ୍ରବେଶ କରିବାକୁ ସଦାପ୍ରଭୁ ଆଜ୍ଞା ଦେଇଥିଲେ । (ଆଦି ୬:୭ ଅଧ୍ୟାୟ) । ଜାହାଜ ସେମାନଙ୍କର ତ୍ରାଣକର୍ତ୍ତା ନ ଥିଲା, କିନ୍ତୁ, ବନ୍ୟାରୁ ରକ୍ଷା ପାଇବା ନିମନ୍ତେ ସେମାନଙ୍କୁ ଜାହାଜରେ ପ୍ରବେଶ କରିବା ଆବଶ୍ୟକ ଥିଲା । ନୋହଙ୍କ ଜାହାଜ ବିଷୟରେ ପ୍ରେରିତ ପିତର ଖ୍ରୀଷ୍ଟିୟାନମାନଙ୍କୁ କହନ୍ତି, "ପୂର୍ବକାଳରେ ନୋହଙ୍କ ସମୟରେ ଜାହାଜ ନିର୍ମିତ ହେଉଥିବା ବେଳେ, ଯେତେବେଳେ ଈଶ୍ୱର ଦୀର୍ଘ ସହିଷ୍ଣୁ ହୋଇ ଅପେକ୍ଷା କରୁଥିଲେ । ସେହି ସମୟରେ ସେମାନେ ଅବାଧ୍ୟ ହୋଇଥିଲେ । ସେହି ଜାହାଜରେ ପ୍ରବେଶ କରି ଅଳ୍ପ ଲୋକ ଅର୍ଥାତ୍ ଆଠ ପ୍ରାଣୀ, ଜଳ ମଧ୍ୟ ଦେଇ ରକ୍ଷା ପାଇଲେ । ସେଥିର ପ୍ରତିରୂପ ବାପ୍ତିସ୍ମ, ଅର୍ଥାତ୍ ଶରୀରର ମଳିନତା ଦୂରୀକରଣ ନୁହେଁ, କିନ୍ତୁ ଈଶ୍ୱରଙ୍କ ନିକଟରେ ଶୁଚି ବିବେକ ପାଇବା ନିମନ୍ତେ ପ୍ରାର୍ଥନା ଯୀଶୁ ଖ୍ରୀଷ୍ଟଙ୍କ ପୁନରୁତ୍‌ଥାନ ଦ୍ୱାରା ଭାବେ ତୁମ୍ଭମାନଙ୍କୁ ପରିତ୍ରାଣ କରୁଅଛି ।" (୧ମ ପିତର ୩:୨୦-୨୧) ।

ଯେଉଁ ଜାହାଜରେ ପ୍ରବେଶ କରିଥିଲେ, ସେମାନେ ଜଳ ଦ୍ୱାରା ରକ୍ଷା ପାଇଥିଲେ । ନୋହଙ୍କ ପରିବାର ଓ ଅନାଜ୍ଞାବହ ପ୍ରଜାମାନଙ୍କ ମଧ୍ୟରେ ବନ୍ୟାଜଳ ପୃଥକ୍ କରିଥିଲା । ବର୍ତ୍ତମାନ ବୁଡିତ ଜଳ ଅନାଜ୍ଞାବହ ପ୍ରଜା ଓ ଖ୍ରୀଷ୍ଟିୟାନମାନଙ୍କ ମଧ୍ୟରେ ପାର୍ଥକ୍ୟ ଆଣେ । କାରଣ ଯୀଶୁ କହିଲେ, "ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ ।" (ମାର୍କ ୧୬:୧୬) । ଅନାଜ୍ଞାବହ ସନ୍ତାନମାନେ ମହାବନ୍ୟାର ଜଳ ଦ୍ୱାରା ବିନଷ୍ଟ ହେଲେ, କିନ୍ତୁ ସେହି ଜଳ ଦ୍ୱାରା ନୋହଙ୍କ

ପରିବାର ଦୁଷ୍ଟ ସମାଜରୁ ମୁକ୍ତ ହେଲେ । ଏହି ଦୁଇ ବିଷୟରେ ସାମଞ୍ଜସ୍ୟ ଅଛି ।

ଦ୍ୱୟ ସଂଘଟନାରେ ଜଳର ଆବଶ୍ୟକତା ଅଛି । "ବାପ୍ତିସ୍ମ" ଖ୍ରୀଷ୍ଟଙ୍କ ମରଣ, ସମାଧି ଓ ପୁନଃଥାନର ପ୍ରତିରୂପ ଅଟେ । (ରୋମୀୟ ୬:୩-୪) । ବାପ୍ତିଜିତ ହେବା ପ୍ରତ୍ୟେକ ଖ୍ରୀଷ୍ଟଙ୍କ ମରଣ, ସମାଧି ଓ ପୁନଃରୁଥାନର ପ୍ରତିରୂପ ବାପ୍ତିସ୍ମ ଦ୍ୱାରା ପରିତ୍ରାଣ ପ୍ରାପ୍ତ ଅଟନ୍ତି ବୋଲି ଜ୍ଞାତ ଅଟନ୍ତି । ମନୁଷ୍ୟ ସ୍ୱକର୍ମ ଦ୍ୱାରା ନୁହେଁ, କିନ୍ତୁ ବାପ୍ତିସ୍ମରେ ତାହାଙ୍କ ଆଜ୍ଞାବହ ହେବା ଦ୍ୱାରା ପରିତ୍ରାଣ ପ୍ରାପ୍ତ ହୁଏ । ଏହାହିଁ ଆମ୍ଭମାନଙ୍କ ବିଶ୍ୱାସର ମୂଳଭୂମି ।

ନୋହଙ୍କ ସମୟର ଆବର୍ଜନା ମହାବନ୍ୟା ଦ୍ୱାରା ପରିଷ୍କୃତ ହୋଇଥିଲା । ଖ୍ରୀଷ୍ଟଙ୍କ ମରଣ, ସମାଧି ଓ ପୁନଃରୁଥାନର ପ୍ରତିରୂପ, ବାପ୍ତିସ୍ମ ଆମ୍ଭମାନଙ୍କ ଜୀବନର ପାପରୁ ମୁକ୍ତକରେ । (ପ୍ରକାଶିତ ୧:୫) । ପ୍ରଥମ ପରିଷ୍କାର ମନୁଷ୍ୟମାନଙ୍କ ଶାରିରୀକଭାବେ ବିନାଶ କରିଥିଲା ବର୍ତ୍ତମାନର ବାପ୍ତିସ୍ମ ଆମ୍ଭମାନଙ୍କ ଆତ୍ମାକୁ ପରିଷ୍କାର କରେ, କିନ୍ତୁ ଶରୀରର ମଳିନତା ନୁହେଁ । ଯଦିଓ ମନୁଷ୍ୟ ଶୁଦ୍ଧ ଅନ୍ତଃକରଣରେ ଜୀବନଯାପନ କରେ, ପାପକ୍ଷମା ନିମନ୍ତେ ଅର୍ଥାତ୍ ପାପରୁ ଧୌତ ହେବା ନିମନ୍ତେ ବାପ୍ତିଜିତ ହେବା ଆବଶ୍ୟକ । (ପ୍ରେରିତ ୨:୩୮,୨୨:୧୬) ।

**- Sunny David**

❋❋❋

# ଆହାର, ପୋଷାକ ଓ ନିବାସ ଗୃହ

## (Food, Cloth and House)

ପ୍ରେରିତ ପିତର ଆପଣାର ଦ୍ୱିତୀୟ ପତ୍ରରେ ଲେଖନ୍ତି, "ଯେ ଆପଣା ଗୌରବ ଓ ସଦ୍‌ଗୁଣରେ ଆମ୍ଭମାନଙ୍କୁ ଆହ୍ୱାନ କରି ଅଛନ୍ତି, ତାହାଙ୍କ ଐଶ୍ୱରିକ ଶକ୍ତି ଆମ୍ଭମାନଙ୍କୁ ଜୀବନ ଓ ଧର୍ମ ପରାୟଣତା ନିମନ୍ତେ ସମସ୍ତ ଆବଶ୍ୟକୀୟ ବିଷୟ ଦାନ କରିଅଛି ।" (୨:୩) । ଆମ୍ଭେମାନେ ଏହି ଜଗତରେ ଆମ୍ଭମାନଙ୍କ ଜୀବନ ଯାପନ ନିମନ୍ତେ ଓ ଆତ୍ମୀୟ ଜୀବନ ନିମନ୍ତେ ସେ ସମସ୍ତ ବିଷୟ ପ୍ରଦାନ କରିଅଛନ୍ତି । ଏହି ଶାରୀରିକ ନିମନ୍ତେ ଆମ୍ଭମାନଙ୍କୁ ବାୟୁ, ଜଳ, ଖାଦ୍ୟ, ପୋଷାକ ଓ ଗୃହ ନିତାନ୍ତ ଆବଶ୍ୟକ । ବାୟୁ କିଅବା ଜଳ ସଦାପ୍ରଭୁ କେବେ ସୃଷ୍ଟି କଲେ ଲିଖିତ ହୋଇନାହିଁ । ସୃଷ୍ଟିର ତୃତୀୟ ଦିବସରେ ସଦାପ୍ରଭୁ କହିଲେ, ".....ପୃଥିବୀ ତୃଣ ଓ ସବୁଜ ଶାକ ଓ ବୀଜ ସମ୍ବଳିତ ସ୍ୱ ସ୍ୱ ଜାତି ଅନୁଯାୟୀ ଫଳୋତ୍ପାଦକ ଫଳବୃକ୍ଷ ଭୂମି ଉପରେ ଉତ୍ପନ୍ନ କରୁ; ତହିଁରେ

ସେପରି ହେଲା, ଅର୍ଥାତ୍, ପୃଥିବୀ ତୃଣ ଓ ସ୍ୱ ସ୍ୱଜାତି ଅନୁସାରେ ବୀଜୋତ୍ପାଦକ ବୃକ୍ଷ ଉତ୍ପନ୍ନ କଲା, ପୁଣି ପରମେଶ୍ୱର ତାହା ଉତ୍ତମ ଦେଖିଲେ ।" (ଆଦି ୧:୨୨) । ସେ ପଞ୍ଚମ ଦିବସରେ ଆକାଶ ପକ୍ଷୀ ଓ ସମୁଦ୍ରରେ ମତ୍ସ୍ୟ ସୃଷ୍ଟି କଲେ । ଷଷ୍ଠ ଦିନରେ ସେ ପ୍ରାଣୀବର୍ଗ, ଅର୍ଥାତ୍ ଗ୍ରାମ୍ୟ ପଶୁ ଓ ଉରୋଗାମୀ ଜନ୍ତୁ, ବନ୍ୟପଶୁ ଉତ୍ପନ୍ନ କଲେ । ଷଷ୍ଠ ଦିନରେ ସୃଷ୍ଟି ମାନବଙ୍କୁ କହିଲେ, "....ଦେଖ, ଆମ୍ଭେ ଭୂମିସ୍ଥ ସବୁ ସବୀଜ ଫଳଦାୟକ ବୃକ୍ଷ ତୁମ୍ଭମାନଙ୍କ ଦେଲୁ, ତାହା ତୁମ୍ଭମାନଙ୍କ ଖାଦ୍ୟ ହେବ । ପୁଣି, ପୃଥିବୀସ୍ଥ ସମସ୍ତ ପଶୁ ଓ ଖେଚର ପକ୍ଷୀ ଓ ଭୂଚର ଉରୋଗାମୀ ଜନ୍ତୁ, ଏହି ସମସ୍ତ ପ୍ରାଣୀ ଭକ୍ଷ୍ୟ ନିମନ୍ତେ ଆମ୍ଭେ ସବୁ ହରିତ ଶାକ ଦେଲୁ, ତହିଁରେ ସେପରି ହେଲା ।" (ଆଦି ୧:୨୯-୩୦) ଆମ୍ଭମାନଙ୍କ ଦୟାଳୁ ପିତା, ପ୍ରତ୍ୟେକ ପ୍ରାଣୀ ଆହାର ଜଗାନ୍ତି । ଇଶ୍ରାଏଲର ସୁଗାୟକ ଗାଆନ୍ତି, "ସମସ୍ତଙ୍କର ଚକ୍ଷୁ ତୁମ୍ଭ ଅପେକ୍ଷାରେ ଥାଏ, ତୁମ୍ଭେ ଉପଯୁକ୍ତ ସମୟରେ ସେମାନଙ୍କୁ ଆହାର ଦେଉଅଛୁ । ତୁମ୍ଭେ ଆପଣା ହସ୍ତ ମେଲାଇ ପ୍ରତ୍ୟେକ ପ୍ରାଣୀର କାମନା ପୂର୍ଣ୍ଣ କରୁଅଛୁ ।" (ଗୀତ ୧୪୫:୧୫-୧୬) । ଯୀଶୁ ଖ୍ରୀଷ୍ଟ ପର୍ବତ ଉପଦେଶରେ କହିଥିଲେ, "ଆକାଶର ପକ୍ଷୀଙ୍କୁ ଦେଖ, ସେମାନେ ବୁଣନ୍ତି ନାହିଁ କି କାଟନ୍ତି କିଅବା ଅମାରରେ ସଞ୍ଚୟ କରନ୍ତି ନାହିଁ, ଆଉ ତୁମ୍ଭମାନଙ୍କର ସ୍ୱର୍ଗସ୍ଥ ପିତା ସେମାନଙ୍କୁ ଆହାର ଦିଅନ୍ତି.....।" (ମାଥିଉ ୬:୨୬) । ମନୁଷ୍ୟ କ୍ଷେତରେ ବୁଣେ, ଜଳସେଚନରେ କିନ୍ତୁ ସଦାପ୍ରଭୁ ଅଭିବୃଦ୍ଧି ଦିଅନ୍ତି । (୧ମ କରିନ୍ଥୀ ୩:୬) ।

ଦ୍ୱିତୀୟରେ, ମାନବ ଜାତି ନିମନ୍ତେ "ବସ୍ତ୍ର" ଏକ ଅତ୍ୟାବଶ୍ୟକ ବସ୍ତୁ । ଆମ୍ଭମାନଙ୍କ ଆଦି ପିତାମାତା ମାନେ ନିଷେଧିତ ଫଳ ଖାଇବାରୁ "ସେମାନଙ୍କ ଚକ୍ଷୁ ପ୍ରସନ୍ନ ହୁଅନ୍ତେ ସେମାନେ ନିଜ ଉଲଙ୍ଗତା ବୋଧ ପାଇ ଡିମିରି ବୃକ୍ଷର ପତ୍ର ସିଇ ଘାଗରା ବନାଇଲେ ।" କିନ୍ତୁ "... ସଦାପ୍ରଭୁ ପରମେଶ୍ୱର ଚର୍ମର ବସ୍ତ୍ର ପ୍ରସ୍ତୁତ କରି ଅଦମ ଓ ତାଙ୍କର ଭାର୍ଯ୍ୟାକୁ ପିନ୍ଧାଇଲେ ।" (ଆଦି ୩:୭ ଓ ୨୧) । ମାନବ ପାପ କରିବା ଦିନରୁ ବସ୍ତ୍ରର ଆବଶ୍ୟକତା ରହିଅଛି । ମନୁଷ୍ୟ ବସ୍ତ୍ର ନିମନ୍ତେ ଆବଶ୍ୟକ ବିଷୟ ସବୁ ଭୂମିରୁ ଉତ୍ପନ୍ନ କରେ । ତୁଳାରୁ, ଖଣିଜ ତୈଳରୁ, ରେଶମରୁ, ଉଲରୁ ମନୁଷ୍ୟ ପୋଷାକ ସିଲାଏ । ଏହି ସବୁ ପଦାର୍ଥ ମନୁଷ୍ୟ ଭୂମିରୁ ପାଏ । ମନୁଷ୍ୟ ସୃଷ୍ଟି କରିପାରେ ନାହିଁ ।

ତୃତୀୟରେ, ମନୁଷ୍ୟର ନିବାସ ଗୃହ ନିତାନ୍ତ ଆବଶ୍ୟକ । ସୃଷ୍ଟିର ଆରମ୍ଭରେ ଆଦିପିତା ଓ ମାତାଙ୍କ ଗୃହ ଏଦନ ଉଦ୍ୟାନରେ ଥିଲା । ଆଜ୍ଞା ଲଙ୍ଘନରେ ସେଠାରୁ ତାଡିତ ହୋଇ ଅନ୍ୟ ସ୍ଥାନରେ ଗୃହ ନିର୍ମାଣ କରିଥିଲେ । କୟିନ ସଦାପ୍ରଭୁଙ୍କ ସାନିଧ୍ୟରୁ ତାଡିତ ହୋଇ ଆପଣା ପୁତ୍ରର ନାମାନୁସାରେ "ହନୋକ" ନାମ ଦେଲେ । (ଆଦି ୪:୧୭) ।

ଅବ୍ରାହାମ ଇସ୍‌ହାକ ଓ ଯାକୁବମାନେ ତମ୍ବୁରେ ନିବାସ କରୁଥିଲେ। (ଏବ୍ରୀ ୧୧:୯)। ଯାକୁବ ଆପଣା ଶ୍ୱଶୁର ଲାବନଙ୍କ ନିକଟରୁ ଆପଣା ପିତା ଇସ୍‌ହାକଙ୍କ ନିକଟକୁ ଫେରି ଆସୁଥିବା ରାସ୍ତାରେ ଆପଣା ନିମନ୍ତେ ଗୃହ ଓ ପଶୁମାନଙ୍କ କୁଡିଆ ନିର୍ମାଣ କରିଥିଲେ। ଶଲୋମନ ରାଜା ଏକ ପ୍ରସିଦ୍ଧ ରାଜପ୍ରସାଦରେ ବାସ କରୁଥିଲେ। (ଆଦି ୩୩:୧୭)

ଏହି ଜଗତରେ ପ୍ରତ୍ୟେକ ପ୍ରାଣୀ ନିମନ୍ତେ ଆପଣା ବାସ ସ୍ଥାନ ରହିଛନ୍ତି। ମନୁଷ୍ୟ ଆପଣା ନିମନ୍ତେ ତାଳପତ୍ର, ଧାନ କୁଟା, ଇଟା, ମାଟି ସିମେଣ୍ଟ, ବାଲି ପଥରରେ ଗୃହ ନିର୍ମାଣ କରନ୍ତି। ଏ ସବୁ ମନୁଷ୍ୟ ସୃଷ୍ଟି କରି ପାରେ ନାହିଁ। କିନ୍ତୁ ଆପଣା କୌଶଳତା ଶ୍ରମ ଦ୍ୱାରା ଗୃହ ନିର୍ମାଣ କରିଥାଏ। ଆପଣା ସ୍ୱନିବାସ ସ୍ଥଳ ବିନା କୌଣସି ଜୀବୀ ଏହି ଜଗତରେ ବଞ୍ଚି ପାରେ ନାହିଁ। ମୋଶାଙ୍କୁ ସଦାପ୍ରଭୁ ତାହାଙ୍କ ନିବାସ ନିମନ୍ତେ ଏକ ତମ୍ବୁ ନିର୍ମାଣ କରିବାକୁ ଆଜ୍ଞା ଦେଇଥିଲେ। "ସେମାନେ ଆମ୍ଭ ନିମନ୍ତେ ଏକ ପବିତ୍ର ସ୍ଥାନ ନିର୍ମାଣ କରନ୍ତୁ। ତହିଁରେ ଆମ୍ଭେ ସେମାନଙ୍କ ମଧ୍ୟରେ ବାସ କରିବା।" (ଯାତ୍ରା ୨୫:୮)। ଦାଉଦ ରାଜାଙ୍କର ମନରେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଏକ ମନ୍ଦିର ନିର୍ମାଣ କରିବାର ଆସକ୍ତ ଥିଲା, କିନ୍ତୁ ଶଲୋମନ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଏକ ମହାନ ମନ୍ଦିର ବାନ୍ଧି ଥିଲେ। ସେ ମନ୍ଦିର ରାଜା ନବଖଦ୍‌ନତ୍ସର ଧ୍ୱଂସ କରିବା ପରେ ନିହିମିୟା ସମୟରେ ପୁନଃନିର୍ମିତ ହୋଇଥିଲା। ଦ୍ୱିତୀୟ ମନ୍ଦିରର ବିନଷ୍ଟ ହେବା ପରେ ହେରୋଦ ସମୟରେ ପୁନଃନିର୍ମିତ ହୋଇଥିଲା।

## ଆତ୍ମିକଭାବେ

ମନୁଷ୍ୟମାନଙ୍କ ନିତାନ୍ତ ଆବଶ୍ୟକ ପ୍ରାଣବାୟୁ, ପରମେଶ୍ୱରଙ୍କ ଦାନ। "ଅନନ୍ତର ସଦାପ୍ରଭୁ ପରମେଶ୍ୱର ଭୂମିର ଧୂଳି ଦ୍ୱାରା ମନୁଷ୍ୟକୁ ନିର୍ମାଣ କରି ତାହାର ନାସିକା ରନ୍ଧ୍ରରେ ଫୁଙ୍କ ଦେଇ ପ୍ରାଣବାୟୁ ପ୍ରବେଶ କରାଇଲେ, ତହିଁରେ ମନୁଷ୍ୟ ଜୀବିତ ପ୍ରାଣୀ ହେଲା।" (ଆଦି ୨:୭)। ପ୍ରାଣବାୟୁ ବିନୁ କୌଣସି ପ୍ରାଣୀ ଜୀବିତ ରହିବା ଅସମ୍ଭବ। ପ୍ରାଣବାୟୁ ଉପରେ କେବଳ ସଦାପ୍ରଭୁଙ୍କ ଅଧିକାର ଅଛି। (ଉପଦେଶକ ୮:୮) ଦ୍ୱିତୀୟରେ ମନୁଷ୍ୟ ଜୀବିତ ରହିବା ନିମନ୍ତେ "ଜଳ" ନିତାନ୍ତ ଆବଶ୍ୟକ। ଯୀଶୁ କହିଲେ, "...ମୁଁ ଯେଉଁ ଜଳ ଦେବି, ତାହା ଯେକିହି ପାନ କରିବ ସେ କେବେ ହେଁ ତୃଷ୍ଣାର୍ତ୍ତ ହେବ ନାହିଁ, ବରଂ ମୁଁ ତାହାଙ୍କୁ ଯେଉଁ ଜଳ ଦେବି, ତାହା ଅନନ୍ତ ଜୀବନ ଦାୟକ ଜଳର ନିର୍ଝର ସ୍ୱରୂପେ ତାହାଠାରେ ଉଚ୍ଛୁଳ ଉଠୁଥିବ।" (ଯୋହନ ୪:୧୧୪) ଅରଣ୍ୟରେ ଇଶ୍ରାଏଲ ଜାତି ବିଷୟରେ ପ୍ରେରିତ ପାଉଲ କହନ୍ତି, "ସମସ୍ତେ ଏକ ପାରମାର୍ଥିକ ପେୟ ପାନ କଲେ, ଯେଣୁ ସେମାନେ ସେମାନଙ୍କ ଅନୁବର୍ତ୍ତୀ ପାରମାର୍ଥିକ ଶୈଳରୁ ପାନ କରୁଥିଲେ,

ଆଉ ସେହି ଶୈଳ ଖ୍ରୀଷ୍ଟ ।" ଆମ୍ଭମାନଙ୍କ ଆତ୍ମିକ ଜୀବନ ନିମନ୍ତେ ପ୍ରୟୋଜନୀୟ ଜଳ, ଖ୍ରୀଷ୍ଟ ଆମ୍ଭମାନଙ୍କୁ ପ୍ରଦାନ କରନ୍ତି । ତୃତୀୟରେ ମନୁଷ୍ୟରେ ଜୀବନ ନିମନ୍ତେ "ଆହାର" ଯେପରି ଅତ୍ୟାବଶ୍ୟକ ଆତ୍ମିକ ଜୀବନ ନିମନ୍ତେ ଆତ୍ମିକ ଆହାର ଆବଶ୍ୟକ । ପ୍ରେରିତ ପିତର ଲେଖନ୍ତି, "ଅତଏବ ପ୍ରଭୁ ଯେ ମଙ୍ଗଳମୟ ଏହା ଯଦି ଆସ୍ୱାଦନ କରିଅଛ, ତାହା ହେଲେ ସମସ୍ତ ପ୍ରକାର ଦୁଷ୍ଟତା, ଛଳ, କପଟ, ଈର୍ଷା ଓ ପରନିନ୍ଦା ପରିତ୍ୟାଗ କରି, ନବଜାତ ଶିଶୁ ତୁଲ୍ୟ ପାରମାର୍ଥିକ ଅମିଶ୍ରିତ ଦୁଗ୍ଧ ପାନ କରିବାକୁ ଇଚ୍ଛା କର, ଯେପରି ତଦ୍ୱାରା ପରିତ୍ରାଣାର୍ଥେ ବୃଦ୍ଧି ପାଇପାର ।" (୨:୧-୩) । ଆତ୍ମିକତାରେ ବୟଃପ୍ରାପ୍ତ ହେବା ନିମନ୍ତେ ଖ୍ରୀଷ୍ଟିୟାନ ମାନଙ୍କୁ ଗୁରୁପାକ ଖାଦ୍ୟ ପ୍ରୟୋଜନ । (ଏବ୍ରୀ ୫:୧୩--୧୪) । ଯୀଶୁଖ୍ରୀଷ୍ଟ କହିଲେ, "ମୁଁ ଜୀବନଦାୟକ ଆହାର... ମୁଁ ସ୍ୱର୍ଗରୁ ଅବତୀର୍ଣ୍ଣ ସେହି ଜୀବନ୍ତ ଆହାର, କେହି ଯଦି ଏହି ଆହାର ଭୋଜନ କରେ. ସେ ଅନନ୍ତକାଳ ପର୍ଯ୍ୟନ୍ତ ଜୀବିତ ରହିବ, ....।" (ଯୋହନ ୬:୪୮ ଓ ୫୧୧, ମାଥିଉ ୪:୪) ।

ବସ୍ତ୍ରଧାରଣ ମନୁଷ୍ୟ ଜୀବନରେ ଏକ ବିଶିଷ୍ଟ ସ୍ଥାନ ରହିଅଛି । ମନୁଷ୍ୟ ଆପଣା ସ୍ଥାୟୀନୁଯାୟୀ ବସ୍ତ୍ରଧାରଣ କରେ । ଅନ୍ୟାନ୍ୟ ବସ୍ତ୍ରର ଆବିର୍ଭାବ ପୂର୍ବେ ମନୁଷ୍ୟମାନେ ପଶୁଚର୍ମର ବସ୍ତ୍ରଧାରଣ କରୁଥିଲେ । ବିଭିନ୍ନ ଦେଶରେ ବିଭିନ୍ନ ବସ୍ତ୍ରଧାରଣ କରନ୍ତି । ବେଳେ ବେଳେ ମନୁଷ୍ୟମାନଙ୍କୁ ବସ୍ତ୍ରଧାରଣରୁ ସେମାନଙ୍କ କାର୍ଯ୍ୟ, ବର୍ଗ, ଦେଶ, ଭାଷା ପ୍ରଭୃତି ସୂଚୀତ ହୁଏ । ସାକ୍ଷ୍ୟ ତମ୍ବୁରେ ପରିଚର୍ଯ୍ୟା କରୁଥିବା ଯାଜକମାନଙ୍କ ଓ ପ୍ରଧାନ ଯାଜକ ବସ୍ତ୍ରଧାରଣ ବିଷୟରେ ସଦାପ୍ରଭୁ ବିଶେଷଭାବେ ଆଦେଶ ଦେଇଥିଲେ । ଯାକୁବ ଆପଣା ପରିବାରବର୍ଗଙ୍କୁ ବୈଥଲ୍ ନେବା ପୂର୍ବେ ସେମାନଙ୍କ ବସ୍ତ୍ର ପରିବର୍ତ୍ତନ କରିବାକୁ ଆଜ୍ଞା ଦେଇଥିଲେ । (ଆଦି ୩୫:୨) । ସୀନୟ ପର୍ବତ ଉପରେ ସଦାପ୍ରଭୁଙ୍କ ଠାରୁ ବ୍ୟବସ୍ଥା ପ୍ରାପ୍ତ ହେବା ପୂର୍ବେ, ଇଶ୍ରାଏଲ ସନ୍ତାନମାନେ ବସ୍ତ୍ର ଧୌତ ବସ୍ତ୍ର ଧୌତ କରିବା ନିମନ୍ତେ ଆଜ୍ଞାପିତ ହୋଇଥିଲେ । (ଯାତ୍ରା ୧୯:୧୦) ।

ଆତ୍ମିକଭାବେ ଖ୍ରୀଷ୍ଟିୟାନମାନେ ଖ୍ରୀଷ୍ଟଙ୍କୁ ଧାରଣ କରିଥାନ୍ତି । "ଯେଣୁ ତୁମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛ ତୁମ୍ଭେମାନେ ସମସ୍ତେ ଖ୍ରୀଷ୍ଟଙ୍କୁ ପରିଧାନ କରିଅଛ ।" (ଗାଲାତୀ ୩: ୨୭୭) । ଏଫିସୀ ମଣ୍ଡଳୀର ଖ୍ରୀଷ୍ଟିୟାନମାନଙ୍କୁ ପ୍ରେରିତ ପାଉଲ ଲେଖନ୍ତି । "ଯେଉଁ ନୂତନ ସ୍ୱଭାବ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ଧାର୍ମିକତା ଓ ସତ୍ୟର ପବିତ୍ରତାରେ ସୃଷ୍ଟି ହୋଇଅଛି, ତାହା ପରିଧାନ କରିବାକୁ ଶିକ୍ଷିତ ହୋଇଅଛ ।" (ଏଫିସୀ ୪:୨୪) । ପୁରାତନ ଜୀବନ, ପୁରାତନ ସ୍ୱଭାବ ପରିତ୍ୟାଗ କରି, ନୂତନ ସ୍ୱଭାବ ପରିଧାନ କରୁ । ଖ୍ରୀଷ୍ଟିୟାନମାନଙ୍କ ଅନ୍ୟ ଏକ ବସ୍ତ୍ର ହେଲା, "ନମ୍ରତା" ପ୍ରେରିତ

ପିତର କହନ୍ତି, "....ସମସ୍ତେ ପରସ୍ପର ପ୍ରତି ନମ୍ରତାରୂପ ବସ୍ତ୍ର ପରିଧାନ କର... ।" (୧ମ ପିତର ୫:୫) । ଖ୍ରୀଷ୍ଟିୟାନ ସ୍ତ୍ରୀମାନଙ୍କୁ ସେ କହନ୍ତି, "ହୃଦୟର ଯେଉଁ କୋମଳ ଓ ଶାନ୍ତିଯୁକ୍ତ ଗୁପ୍ତ ସ୍ୱଭାବ ଈଶ୍ୱରଙ୍କ ଦୃଷ୍ଟିରେ ବହୁମୂଲ୍ୟ ତାହାହିଁ ତୁମ୍ଭର ଅକ୍ଷୟ ଭୂଷଣ ହେଉ ।" (୧ମ ପିତର ୩:୪) ।

ରାଜା ଶଲୋମନଙ୍କ ରଚିତ କୀର୍ତ୍ତନରେ ସେ କହନ୍ତି, "ସଦାପ୍ରଭୁ ଯେବେ ଗୃହ ନିର୍ମାଣ ନ କରନ୍ତି, ତେବେ ନିର୍ମାଣକାରୀମାନେ ବ୍ୟର୍ଥରେ ପରିଶ୍ରମ କରନ୍ତି ।" (ଗୀତ ୧୨୭:୧) । ସଦାପ୍ରଭୁ ଆମ୍ଭମାନଙ୍କୁ ଚାରି ପ୍ରକାର ଗୃହ ପ୍ରଦାନ କରନ୍ତି । (୧) ଆମ୍ଭମାନଙ୍କ ଶରୀର (କିଅବା ତମ୍ବୁ), ଯେଉଁଠାରେ ଆମ୍ଭମାନଙ୍କ ଆତ୍ମା ବାସ କରେ । (୨) ଆମ୍ଭେମାନେ ନିବାସ କରୁଥିବା ପାର୍ଥିକ ଗୃହ । (୩) ଆମ୍ଭମାନଙ୍କ ତୃତୀୟ ଗୃହ ଆମ୍ଭମାନଙ୍କ ମଣ୍ଡଳୀ । ପ୍ରେରିତ ପାଉଲ ତୀମଥିଙ୍କୁ ଲେଖନ୍ତି, ମାତ୍ର ଯେବେ ମୋହର ବିଳମ୍ବ ହୁଏ, ତେବେ ଈଶ୍ୱରଙ୍କ ଗୃହରେ ଅର୍ଥାତ୍, ସତ୍ୟର ସ୍ତମ୍ଭ ଓ ଭିତ୍ତିମୂଳ ସ୍ୱରୂପ ଜୀବିତ ଈଶବ୍ରଙ୍କ ମଣ୍ଡଳୀରେ କିପରି ଆଚରଣ କରିବାକୁ ହୁଏ, ତାହା ଯେପରି ଜ୍ଞାତ ହୁଅ, ଏହେତୁ ଏହି ସମସ୍ତ ତୁମ୍ଭ ନିକଟକୁ ଲେଖୁଅଛି । (୧ମ ତୀମଥି ୩:୧୫) । (୪) ଆମ୍ଭମାନଙ୍କ ନିମନ୍ତେ ସ୍ୱର୍ଗରେ ଗୃହ ନିର୍ମିତ ହେଉଅଛି । ଯୀଶୁ ଆପଣା ଶିଷ୍ୟମାନଙ୍କୁ କହିଲେ, "ତୁମ୍ଭମାନଙ୍କ ହୃଦୟ ଉଦ୍‌ବିଗ୍ନ ନ ହେଉ, ତୁମ୍ଭେମାନେ ଈଶ୍ୱରଙ୍କଠାରେ ବିଶ୍ୱାସ କର ଓ ମୋ ଠାରେ ମଧ୍ୟ ବିଶ୍ୱାସ କର ମୋହର ପିତାଙ୍କ ଗୃହରେ ଅନେକ ବାସସ୍ଥାନ ଅଛି, ଯଦି ନ ଥାଆନ୍ତା, ତାହାହେଲେ ମୁଁ କହି ଥାଆନ୍ତି, ମୁଁ ତୁମ୍ଭମାନଙ୍କ ନିମନ୍ତେ ସ୍ଥାନ ପ୍ରସ୍ତୁତ କରିବାକୁ ଯାଉଅଛି । ପୁଣି, ମୁଁ ଯାଇ ତୁମ୍ଭମାନଙ୍କ ନିମନ୍ତେ ସ୍ଥାନ କଲେ, ପୁନର୍ବାର ଆସିବି, ଆଉ ମୁଁ ଯେଉଁ ସ୍ଥାନରେ ଥାଏ, ତୁମ୍ଭେମାନେ ମଧ୍ୟ ଯେପରି ସେହି ସ୍ଥାନରେ ରହିବ, ସେଥି ନିମନ୍ତେ ତୁମ୍ଭମାନଙ୍କ ଆପଣା ନିକଟକୁ ଘେନି ଯିବି ।" (ଯୋହନ ୧୪:୧-୩) । ପ୍ରେରିତ ପାଉଲ କରିନ୍ଥୀ ମଣ୍ଡଳୀକୁ ଲେଖନ୍ତି, "କାରଣ ଯଦି ଆମ୍ଭମାନଙ୍କର ଏହି ବସ୍ତ୍ରରୂପ ପାର୍ଥିକ ଗୃହ ଭାଙ୍ଗିଯାଏ, ତେବେ ଈଶ୍ୱରମାନଙ୍କକୃତ ଅହସ୍ତ ନିର୍ମିତ ଆମ୍ଭମାନଙ୍କର ଏକ ଆନନ୍ତକାଳ ସ୍ଥାୟୀ ଗୃହ ଯେ ସ୍ୱର୍ଗରେ ଅଛି, ଏହା ଆମ୍ଭେମାନେ ଜାଣୁ । ଯେଣୁ ଆମ୍ଭେମାନେ ତ ଆମ୍ଭମାନଙ୍କ ସ୍ୱର୍ଗୀୟ ଗୃହରୂପ ବସ୍ତ୍ରରେ ପରିହିତ ହେବାକୁ ଏକାନ୍ତ ଇଚ୍ଛା କରି ଏଏହି ଗୃହରେ ଥାଇ ଆର୍ତ୍ତନାଦ କରୁଅଛି । ଏହିପରି ପରିହିତ ହେଲେ ଆମ୍ଭେମାନେ ଉଲଙ୍ଗ ଦେଖା ଯିବା ନାହିଁ । କାରଣ ଆମ୍ଭେମାନେ ଏହି ତମ୍ବୁରେ ବାସ କରି ଭାରଗ୍ରସ୍ତ ହୋଇ ଆର୍ତ୍ତନାଦ କରୁଅଛୁ, ଯେଣୁ ଆମ୍ଭେମାନେ ଯେ ପରିଛଦ ତ୍ୟାଗ କରିବାକୁ ଇଚ୍ଛା କରୁ, ତାହା ନୁହେଁ, ମାତ୍ର ଜୀବନ ଯେପରି ମର୍ତ୍ତ୍ୟକୁ ଗ୍ରାସ କରେ, ଏଥିନିମନ୍ତେ ଏହି ପରିଛଦ ଉପରେ ଅନ୍ୟ ବସ୍ତ୍ର ପରିଧାନ କରିବାକୁ ଆମ୍ଭେମାନେ ଇଚ୍ଛା କରୁଅଛୁ ।

ଆଉ ଯେ ଏଥି ନିମନ୍ତେ ଆମ୍ଭମାନଙ୍କୁ ପ୍ରସ୍ତୁତ କରି ଅଛନ୍ତି, ସେ ଈଶ୍ୱର, ସେ ଆମ୍ଭମାନଙ୍କୁ ବଇନା ସ୍ୱରୂପେ ଆତ୍ମା ମଧ୍ୟ ଦାନ କରି ଅଛନ୍ତି । ଅତଏବ ଆମ୍ଭେମାନେ ସର୍ବଦା ସାହାସୀ ଅଟୁ, ଆଉ ଏହି ଶରୀରରେ ଯେ ପର୍ଯ୍ୟନ୍ତ ନିବାସ କରୁଅଛୁ । ସେ ପର୍ଯ୍ୟନ୍ତ ଯେ ପ୍ରଭୁଙ୍କଠାରୁ ଦୂରରେ ପ୍ରବାସ କରୁଅଛୁ, ଏହା ଜାଣୁ । (୨ୟ କରିନ୍ଥୀ ୫:୧–୬) । ପ୍ରଥମ ପଦ :– "ତମ୍ବୁରୂପ ପାର୍ଥିକ ଗୃହ ଭାଙ୍ଗିଯାଏ" ଅର୍ଥାତ୍ ଏହି ମର୍ତ୍ତ ଶରୀରର ମୃତ୍ୟୁ ପରେ, ଈଶ୍ୱରଙ୍କକୃତ ଅହସ୍ତ ନିର୍ମିତ ଆମ୍ଭମାନଙ୍କର ଏକ ଅନନ୍ତକାଳ ସ୍ଥାୟୀ ଗୃହ ସ୍ୱର୍ଗରେ ଅଛି । ଯୀଶୁ କହିଲେ, "ଯେଉଁଠାରେ କୀଟ ଓ କଳଙ୍କ କ୍ଷୟ କରେ, ପୁଣି ଚୋରମାନେ ସିନ୍ଧି କାଟି ଚୋରି କରନ୍ତି, ଏପରି ପୃଥିବୀରେ ଆପଣା ନିମନ୍ତେ ଧନ ସଞ୍ଚୟ କର ନାହିଁ । ମାତ୍ର ଯେଉଁଠାରେ କୀଟ ଓ କଳଙ୍କକ୍ଷୟ ନ କରେ ଏବଂ ଚୋରମାନେ ସିନ୍ଧି କାଟି ଚୋର ନ କରନ୍ତି, ଏପରି ସ୍ୱର୍ଗରେ ଆପଣା ଆପଣା ନିମନ୍ତେ ଧନ ସଞ୍ଚୟ କର ।" (ମାଥିଉ ୬:୧୯–୨୦) । ଏହି ପୃଥିବୀରେ ଆମ୍ଭମାନଙ୍କ ଜୀବନ ଦ୍ୱାରା, ଆମ୍ଭମାନଙ୍କ କର୍ମ ଦ୍ୱାରା ଆପଣା ଆପଣା ନିମନ୍ତେ ସ୍ୱର୍ଗରେ ଗୃହ ନିର୍ମାଣ କରୁଅଛୁ । ପ୍ରେରିତ ପାଉଲ କରିନ୍ଥୀ ମଣ୍ଡଳୀକୁ ଲେଖନ୍ତି, ''ମୋତେ ଈଶ୍ୱରଙ୍କ ଅନୁଗ୍ରହ ଅନୁସାରେ ମୁଁ ଜଣେ ବୁଦ୍ଧିମାନ ଗୃହ ନିର୍ମାଣକାରୀ ତୁଲ୍ୟ ଭିତ୍ତିମୂଳ ସ୍ଥାପନ କରିଅଛି.... କିନ୍ତୁ ପ୍ରତ୍ୟେକ ଲୋକ ତାହା ଉପରେ କିପରି ନିର୍ମାଣ କରୁଅଛି, ସେ ସମ୍ବନ୍ଧରେ ସାବଧାନ ହେଉ ।.... କିନ୍ତୁ ଯଦି କେହି ସେହି ଭିତ୍ତିମୂଳ ଉପରେ ସୁନା, ରୂପା, ବହୁମୂଲ୍ୟ ପଥର, କାଠ ଘାସ ବା ଛଣ ଦେଇ ନିର୍ମାଣ କରେ । ତାହାହେଲେ ପ୍ରତ୍ୟେକ ଜଣର କର୍ମ କିପ୍ରକାର, ତାହା ପ୍ରକାଶ ପାଇବ,....ଯେ ଯାହା ନିର୍ମାଣ କରିଅଛି, ତା'ର ସେହି କର୍ମ ଯଦି ରହିବ, ତେବେ ସେ ପୁରସ୍କାର ପାଇବ ।" (୧ମ କରିନ୍ଥୀ ୩:୧୦–୧୪) ।

ଆପଣା କିପରି ଖାଦ୍ୟ ଭୋଜନ କରୁ ଅଛନ୍ତି । "ଅଖାଦ୍ୟ ଦ୍ରବ୍ୟ ନିମନ୍ତେ ତୁମ୍ଭେମାନେ କାହିଁକି ରୂପା ବ୍ୟୟ କରୁଅଛ ଓ ଯାହା ତୃପ୍ତିକର ନୁହେଁ, ତହିଁ ପାଇଁ କାହିଁକି ତୁମ୍ଭେମାନେ ପରିଶ୍ରମ କରୁଅଛ ? ମନୋଯୋଗ କରି ଆମ୍ଭର କଥା ଶୁଣ ଓ ଉତ୍ତମ ଦ୍ରବ୍ୟ ଭୋଜନ କର ଓ ପୁଷ୍ଟିକର ଦ୍ରବ୍ୟରେ ତୁମ୍ଭେମାନଙ୍କର ପ୍ରାଣକୁ ସନ୍ତୁଷ୍ଟ ହେବାକୁ ଦିଅ ।" (ଯିଶାଇୟ ୫୫:୨) । ବିଚାର ଦିନରେ ଉଲଙ୍ଗ ନ ଦେଖାଯିବା ନିମନ୍ତେ, ଆପଣ କି ଖ୍ରୀଷ୍ଟଙ୍କୁ ଧାରଣ କରିଅଛ ? ଏହି ଜୀବନ ଯାତ୍ରା ଶେଷରେ, ସଦାପ୍ରଭୁଙ୍କ ସହିତ ସଦାକାଳ ନିବାସ କରିବାକୁ ଆପଣ କିପରି ଗୃହ ନିର୍ମାଣ କରୁ ଅଛନ୍ତି ?

**- Kabita Gootam**

# ଯିରିହୋବାସୀ ପ୍ରସିଦ୍ଧ କରଗ୍ରାହୀ

## (The Famous Tax-Collector of Jeriho)

ବାଲ୍ୟାଧି ଯିରୋହାବାସୀ ଜକ୍କିୟ ନାମ୍ନୀ କରଗ୍ରାହୀର କାହାଣୀ ଆମ୍ଭେମାନେ ଶୁଣି ଆସୁଅଛୁ । ଏହି ସୁନ୍ଦର କାହାଣୀ ଆମ୍ଭେମାନେ ସାନ ସାନ ବାଳକ ବାଳିକାକୁ ଶୁଣାଇଥାଉଁ । ଯୀଶୁ ଓ ତାହାଙ୍କ ଶିଷ୍ୟମାନେ ଯିରିଶାଲମକୁ (ଶେଷଥର ପାଇଁ) ଯିରିହୋ ନଗର ମଧ୍ୟରୁ ଯାତ୍ରା କରୁଥିଲେ । ଯାଜକମାନେ ମନ୍ଦିରରେ ସେବା ନ କରୁଥିବା ସମୟରେ ଏହି ନଗରରେ ବାସ କରୁଥିଲେ । ଇଶ୍ରାଏଲୀୟମାନେ ମିସର ଦେଶରୁ ବାହାରି ଆସିବା ପରେ ସର୍ବପ୍ରଥମେ ଏହି ନଗର ଧ୍ୱଂସ କରି, ହସ୍ତଗତ କରିଥିଲେ । (ଯିହୋଶୂୟ ଷଷ୍ଠତମ ପର୍ବ) । ଶାପିତ ଏହି ନଗର ଇଶ୍ରାଏଲର ମନ୍ଦରାଜାଙ୍କ ସମୟରେ ପୁନଃନିର୍ମିତ ହୋଇଥିଲା ।

ଜକ୍କିୟ ଏକ ଧନୀ ଓ ପ୍ରଖ୍ୟାତ କରଗ୍ରାହୀ ଥିଲେ । ନୂତନ ନିୟମରେ ଆଉ ଦୁଇ କରଗ୍ରାହୀ ବିଷୟ ପଢ଼ିଥାଉଁ । ପ୍ରେରିତ ମାଥିଉ ସମସ୍ତ ପରିତ୍ୟାଗ କରି ଯୀଶୁଖ୍ରୀଷ୍ଟଙ୍କ ଅନୁସରଣ କରିଥିଲେ । ଅନ୍ୟ ଏକ ନମ୍ର କରଗ୍ରାହୀ ଯାହାଙ୍କ ପ୍ରାର୍ଥନା ପରମେଶ୍ୱରଙ୍କ ଗ୍ରାହ୍ୟ ହୋଇଥିଲା, ଯାହା ଆମ୍ଭେମାନେ ଲୂକ ୧୮:୯୯-୧୪ ରେ ପଢ଼ିପାରୁ ।

"ଯୀଶୁ କିଏ. ତାହା ଦେଖିବାକୁ ସେ ଚେଷ୍ଟା କରୁଥିଲେ ।" (୩ୟୟ ପଦ) । ଯୀଶୁ ଏହି ଜଗତରେ ଜୀବନ ଯାପନ କରିବା ସମୟରେ ଅନେକେ ତାହାଙ୍କୁ ଦେଖିବାକୁ ଇଚ୍ଛା କରୁଥିଲେ । ତାହାଙ୍କ ଜନ୍ମ ସମୟରେ ଜ୍ଞାନୀମାନେ ପୂର୍ବ ଦେଶରୁ ତାହାଙ୍କୁ ଦେଖିବା ନିମନ୍ତେ ବେଥିଲିହିମକୁ ଆସିଥିଲେ । ଶିମିୟୋନ ଯୀଶୁଙ୍କ ଦର୍ଶନ କରି, ପରମେଶ୍ୱରଙ୍କ ସ୍ତବ ଗାନ କରି କହିଥିଲେ । "....କାରଣ ମୋହର ନେତ୍ର ତୁମ୍ଭର ପରିତ୍ରାଣ ଦେଖିଅଛି....।" (ଲୂକ ୨:୨୯--୩୪) । କେତେକ ଗ୍ରୀସ ଦେଶବାସୀ ଦେଖିବାକୁ ଇଚ୍ଛା କରି ଫିଲିପଙ୍କୁ ଅନୁରୋଧ କରିଥିଲେ । (ଯୋହନ ୧୨:୨୦) । ହେରୋଦ ରାଜା ଯୀଶୁଙ୍କୁ ଦେଖିବାକୁ ଇଚ୍ଛା କରିଥିଲେ । "ହେରୋଦ ଯୀଶୁଙ୍କୁ ଦେଖି ଆନନ୍ଦିତ ହେଲେ, କାରଣ ସେ ତାହାଙ୍କ ବିଷୟ ଶୁଣିଥିବାରୁ, ତାହାଙ୍କୁ ବହୁକାଳରୁ ଦେଖିବାକୁ ଇଚ୍ଛା କରୁଥିଲେ, ପୁଣି ତାହାଙ୍କ ଦ୍ୱାରା କୌଣସି ଆଶ୍ଚର୍ଯ୍ୟକର୍ମ ସାଧିତ ହେବା ଦେଖିବାକୁ ଆଶା କରୁଥିଲେ ।" (ଲୂକ ୨୩:୮) । ବହୁ ଜନସମୂହ ତାହାଙ୍କୁ ଅନୁସରଣ କରୁଥିଲେ ।

ସେମାନେ କାହିଁକି ତାହାଙ୍କୁ ଦେଖିବାକୁ ଇଚ୍ଛା କରୁଥିଲେ ? ତାହାଙ୍କ ଶିକ୍ଷା

ଶୁଣି, ତାହାଙ୍କ ସାଧିତ ଆଶ୍ଚର୍ଯ୍ୟକର୍ମ ଦେଖି, ଲୋକଙ୍କ ଦ୍ୱାରା ତାହାଙ୍କୁ ଦେଖିବାକୁ ଇଚ୍ଛା କରୁଥିଲେ । ଯିରୋହୀ ନଗରର ଏକ ଅନ୍ଧକୁ ଦୃଷ୍ଟି ପ୍ରଦାନ କରିଥିଲେ । (ଲୂକ ୧୮:୩୫-୪୩) ।

ଜଖିୟଙ୍କ ଯୀଶୁଙ୍କୁ ଦେଖିବାରେ ଦୁଇଟି ବିଘ୍ନ ଥିଲା । (୧) ସେ ବାଙ୍ଗରା ଥିଲେ । (୨) ତାହାଙ୍କ ଋରିଆଡେ ଭିଡ ଥିଲା । କିନ୍ତୁ ସେ ବିଘ୍ନ ଗୁଡିକ ଅତିକ୍ରମ କରି ଯୀଶୁଙ୍କ ନିକବର୍ତ୍ତୀ ହୋଇଥିଲେ । ବାକ୍ୟ କହେ, "ଏଣୁ ସେ ଆଗକୁ ଦୌଡିଯାଇ ତାହାଙ୍କୁ ଦେଖିବା ନିମନ୍ତେ ଗୋଟିଏ ଡିମିରି ଗଛରେ ଚଢ଼ିଲେ କାରଣ ସେହି ବାଟ ଦେଇ ତାହାଙ୍କର ଯିବାର ଥିଲା । ଯୀଶୁ ସେ ସ୍ଥାନକୁ ଆସି ଉପରକୁ ଋହିଁ ତାହାଙ୍କୁ କହିଲେ, ଜଖିୟ, ଶୀଘ୍ର ଓହ୍ଲାଇ ଆସ, କାରଣ ଆଜି ମୋତେ ଅବଶ୍ୟ ତୁମ୍ଭର ଘରେ ରହିବାକୁ ହେବ।" (୪ ଓ ୫ ପଦ) । ଦୃଢ଼ମନସ୍କ ହୋଇ କାର୍ଯ୍ୟ କଲେ, ସମସ୍ତ ସାଧ ହୁଏ । ସେ ଆପଣା ଅସାମର୍ଥତା ଅତିକ୍ରମ କରିବା ନିମନ୍ତେ ଜଣେ ମାନ୍ୟଗଣ ବ୍ୟକ୍ତି ଦୌଡିଯାଇ ଡିମିରି ଗଛରେ ଚଢ଼ିଲେ ।

ସ୍ୱର୍ଗୀୟ ପିତା ପରମେଶ୍ୱର, ତାହାଙ୍କ ସନ୍ତାନମାନେ ତାହାଙ୍କ ନିକଟକୁ ଆସିବାକୁ ଇଚ୍ଛା କରନ୍ତି । "ହେ ତୃଷିତ ଲୋକ ସକଳ ତୁମ୍ଭେମାନେ ଜଳ ନିକଟକୁ ଆସ, ପୁଣି ଯାହାର କିଛି ଅର୍ଥ ନାହିଁ, ସେ ଆସ, କିଣ ଓ ଭୋଜନ କର, ହଁ, ଆସ, ଅର୍ଥ ଓ ମୂଲ୍ୟ ବିନା ଦ୍ରାକ୍ଷାରସ ଓ ଦଗ୍ଧ କିଣ ।" (ଯିଶାଇୟ ୫୫:୧-୫) । ଯୀଶୁ କହିଲେ, "ହେ ପରିଶ୍ରାନ୍ତ ଓ ଭାରପ୍ରାପ୍ତ ଲୋକ ସମସ୍ତେ, ମୋ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି ।" (ମାଥିଉ ୧୧:୨୮) । "ଈଶ୍ୱରଙ୍କ ନିକଟବର୍ତ୍ତୀ ହୁଅ, ସେଥିରେ ସେ ତୁମ୍ଭମାନଙ୍କର ନିକଟବର୍ତ୍ତୀ ହେବେ ।" (ଯାକୁବ ୪:୮) । "ଆତ୍ମା ଓ କନ୍ୟା କହନ୍ତି ଆସ, ପୁଣି ଯେ ଶୁଣେ, ସେ କହୁ ଆସ । ଯେ ତୃଷାର୍ତ୍ତ, ସେ ଆସୁ, ଯେ ଇଚ୍ଛା କରେ ସେ ବିନା ମୂଲ୍ୟରେ ଜୀବନ ଦାୟକ ଜଳପାନ କରୁ ।" (ପ୍ର.ବା. ୨୨:୧୭) ।

ଯୀଶୁ ଜଖିୟଙ୍କ ନିକଟକୁ ଆସି କହିଲେ, ".... ଜଖିୟ ଶୀଘ୍ର ଓହ୍ଲାଇ ଆସ....।" (୫ମ ପଦ) । ଯୀଶୁ ତାହାଙ୍କ ନାମ ଜାଣି ନ ଥିବେ କିଅବା ଏତେ ଭିଡରେ ସେ ତାହାଙ୍କୁ ଚିହ୍ନି ନ ଥିବେ ବୋଲି ହୁଏତ ସେ ମନେ କରିଥିବେ । କିନ୍ତୁ ପରମେଶ୍ୱର ସମସ୍ତ ମନୁଷ୍ୟମାନଙ୍କ ହୃଦୟର ପରୀକ୍ଷକ ଅଟନ୍ତି । ସେ ସମସ୍ତଙ୍କ ନାମ ଧରି ଡାକନ୍ତି । ପରମେଶ୍ୱର କହନ୍ତି, "ଆମ୍ଭ ଦାସ ଯାକୁବ ଓ ଆମ୍ଭ ମନୋନୀତ ଇଶ୍ରାଏଇଲ ସକାଶେ ଆମ୍ଭେ ତୁମ୍ଭର ନାମ ଧରି ତୁମ୍ଭଙ୍କୁ ଡାକି ଅଛୁ, ତୁମ୍ଭେ ଆମ୍ଭଙ୍କୁ ନ ଜାଣିଲେ ହେଁ, ଆମ୍ଭେ ତୁମ୍ଭଙ୍କୁ ଉପାଧି ଦେଇଅଛୁ ।" (ଯିଶାଇୟ ୪୫:୪) । "ମାତ୍ର

ହେ ଯାକୁବ. ଯେ ତୁମ୍ଭଙ୍କୁ ସୃଷ୍ଟି କଲେ, ହେ ଇଶ୍ରାଏଇଲ ଯେ ତୁମ୍ଭକୁ ନିର୍ମାଣ କଲେ, ସେହି ସଦାପ୍ରଭୁ ଏବେ ଏହି କଥା କହନ୍ତି, ଭୟ କର ନାହିଁ, କାରଣ ଆମ୍ଭେ ତୁମ୍ଭକୁ ମୁକ୍ତ କରିଅଛୁ, ଆମ୍ଭେ ତୁମ୍ଭର ନାମ ଧରି ତୁମ୍ଭକୁ ଆହ୍ୱାନ କରିଅଛୁ, ତୁମ୍ଭେ ଆମ୍ଭର ।" (ଯିଶାଇୟ ୪୩:୧୧) । ପରମେଶ୍ୱର ଆକାଶର ଅସଂଖ୍ୟ ତାରାଗଣର ସଂଖ୍ୟା ଜାଣନ୍ତି, ସେମାନଙ୍କୁ ସେ ନାମ ଧରି ଡାକନ୍ତି । (ଗୀତ ୧୪୭:୪ ଓ ଏବଂ ଯିଶାଇୟ ୪୦:୨୬) । ସେ ପ୍ରତ୍ୟେକ ମନୁଷ୍ୟର ପ୍ରତ୍ୟେକ ବିଷୟ ଜାଣନ୍ତି । (ଗୀତ ୧୩୯:୧-୩) । ଯୀଶୁଖ୍ରୀଷ୍ଟ ଜଖିୟଙ୍କ ହୃଦୟ ପରୀକ୍ଷା କରି ତାହାଙ୍କୁ ପରିଚୟ ନେଇଥିଲେ । ସେ ଆମ୍ଭମାନଙ୍କ ନାମ, କାର୍ଯ୍ୟ, ଆଲୋଚନା ସମସ୍ତ ବିଷୟରେ ଜ୍ଞାତ ଅଟନ୍ତି ।

ଯୀଶୁ, ଜଖିୟଙ୍କୁ କହିଲେ, "....ଜଖିୟ, ଶୀଘ୍ର ଓହ୍ଲାଇ ଆସ, କାରଣ ଆଜି ଅବଶ୍ୟ ତୁମ୍ଭ ଘରେ ରହିବାକୁ ହେବ । ସେଥିରେ ସେ ଶୀଘ୍ର ଓହ୍ଲାଇ ଆସି ଆନନ୍ଦରେ ତାହାଙ୍କର ଆତିଥ୍ୟ କଲେ ।" (୫ ଓ ୬ ପଦ) । ଆଜି ଆମ୍ଭମାନଙ୍କ ଗୃହରେ କି ଯୀଶୁଖ୍ରୀଷ୍ଟ ପ୍ରବେଶ କରିବାକୁ ଇଚ୍ଛା କରୁ ଅଛନ୍ତି ? ସେଗୁଡିକ କି ତାହାଙ୍କ ନିବାସ ଯୋଗ୍ୟ ? କିଅବା ଜଗତର ସମସ୍ତ ଅବର୍ଜନା ପରିପୂର୍ଣ୍ଣ ? ଯୀଶୁଖ୍ରୀଷ୍ଟ ପିତରଙ୍କ ଗୃହରେ ପ୍ରବେଶ କରି, ଜ୍ୱରରେ ପୀଡ଼ିତ ତାହାଙ୍କ ଶାଶୁଙ୍କ ସୁସ୍ଥ କରିଥିଲେ । ସେ ସୁସ୍ଥ ଦେବା ପରେ ତାହାଙ୍କ ପରିଚର୍ଯ୍ୟା କରିଥିଲେ । (ମାଥିଉ ୮:୧୪-୧୫) । ସମାଜ ଗୃହରେ ଅଧିକାରୀ ଯାଇରସଙ୍କ ଗୃହରେ ପ୍ରବେଶ କରି, ତାହାଙ୍କ ମୃତ ବାର ବର୍ଷୀୟା କନ୍ୟାକୁ ସୁସ୍ଥ କରିଥିଲେ । (ମାର୍କ ୫:୩୫) । ସେ ମାର୍ଥା ଓ ମରିୟମଙ୍କ ଗୃହରେ ପ୍ରବେଶ କରି ସେମାନଙ୍କୁ ଶିକ୍ଷା ଦେଉ । (ଲୂକ ୧୦:୮) । ସେ ଆମ୍ଭମାନଙ୍କ ଗୃହରେ ପ୍ରବେଶ କରିବେ, ଯଦି ଆମ୍ଭେମାନେ ତାହାଙ୍କ ଆମ୍ଭମାନଙ୍କ ଜୀବନରେ ପ୍ରଥମ ସ୍ଥାନ ଦେଉଁ । (ମାଥିଉ ୬:୩୩) । ତାହାଙ୍କ ସହ ସତ୍‌ସମ୍ପର୍କ ରଖିବା ପାଇଁ ତାହାଙ୍କ ସହ ନିରନ୍ତର ପ୍ରାର୍ଥନାରେ ଯୋଗାଯୋଗ କରୁ । ତାହାଙ୍କ ବାକ୍ୟ ଗଠନ କରି ତାହାଙ୍କ ସ୍ୱର ଶ୍ରବଣ କରୁ । ଗୀତ ରଚକ କହନ୍ତି, "ଧାର୍ମିକମାନଙ୍କ ତମ୍ବୁରେ ଆନନ୍ଦ ଓ ପରିତ୍ରାଣର ଧ୍ୱନୀ ଥାଏ....।" (ଗୀତ ୧୧୮:୧୫) ।

ଯଦିଓ ଜଖିୟ ଏକ ଧନୀ ଓ ସମ୍ଭ୍ରାନ୍ତ ବ୍ୟକ୍ତି, ସେ ରାସ୍ତାରେ ଦୌଡ଼ିଯାଇ ଗୋଟିଏ ଡିମ୍ବିରି ଗଛ ଚଢ଼ିଥିଲେ । ଯୀଶୁଙ୍କ ନିକଟକୁ ଯିବା ପଥରେ ଥିବା ବିଘ୍ନ ଅତିକ୍ରମ କରୁ । ତାହାଙ୍କୁ ଆପଣା ଆପଣା ଗୃହରେ ଆନନ୍ଦ ଗ୍ରହଣ କରିବା ନିମନ୍ତେ, ସଚେତନ ରହୁ । ଆପଣା ଗୃହରେ ଯୀଶୁଙ୍କୁ ଆତିଥ୍ୟ ଦେଇ, ଜଖିୟ ତାହାଙ୍କୁ କହିଲେ, "....ହେ ପ୍ରଭୁ, ଦେଖନ୍ତୁ ମୋର ସମ୍ପତ୍ତିର ଅର୍ଦ୍ଧେକ ମୁଁ ଦରିଦ୍ରମାନଙ୍କୁ ଦାନ କରୁଅଛି....।"

(୮ମ ପଦ) । ମାଥିଉ ୧୯:୧୬-୨୨, ମାର୍କ ୧୦:୧୭-୨୨ ଓ ଲୂକ ୧୮:୧୮-୨୫ ପଦ ମାନଙ୍କରେ ଏକ ଧନୀ ଯୁବକ୍କ ବିଷୟରେ ପଢ଼ିଥାଉଁ । ଅନନ୍ତ ଜୀବନ ପାଇବା ନିମନ୍ତେ ତାହାଙ୍କ ଆସକ୍ତି ଥିଲା । କିନ୍ତୁ ଯୀଶୁଖ୍ରୀଷ୍ଟ ତାହାଙ୍କ ଅନନ୍ତ ଜୀବନ ପ୍ରାପ୍ତି ନିମନ୍ତେ ସମସ୍ତ ଆଜ୍ଞା ପାଳନ କରି, ଆପଣା ସର୍ବସ୍ୱ ବିକ୍ରୟ କରି ଦରିଦ୍ରମାନଙ୍କୁ ଦାନ କରିବା ନିମନ୍ତେ କହିଥିଲେ । "କିନ୍ତୁ ଏକଥା ଶୁଣି ଯୁବକଟି ଦୁଃଖିତ ହୋଇ ଚାଲିଗଲା, କାରଣ ତାଙ୍କର ବହୁତ ସମ୍ପତ୍ତି ଥିଲା ।" (ମାଥିଉ ୧୯:୨୨) । ଯୀଶୁ କହିଲେ, "ଯେଉଁଠାରେ ତୁମ୍ଭର ଧନ, ସେହିଠାରେ ମଧ୍ୟ ତୁମ୍ଭର ମନ.....କୌଣସି ଲୋକ ଦୁଇ ପ୍ରଭୁଙ୍କର ଦାସ ହୋଇ ପାରେନାହିଁ । କାରଣ ସେ ଜଣକୁ ଘୃଣା କରିବ ଓ ଅନ୍ୟ ଜଣଙ୍କୁ ପ୍ରେମ କରିବ, ଅଥବା ଜଣଙ୍କ ପ୍ରତି ଅନୁରକ୍ତ ହେବ ଓ ଅନ୍ୟ ଜଣଙ୍କୁ ଅବଜ୍ଞା କରିବ । ତୁମ୍ଭେମାନେ ଈଶ୍ୱର ଓ ଧନ ଉଭୟର ଦାସ ହୋଇ ପାରେନାହିଁ ।" (ମାଥିଉ ୬:୨୧-୨୪, ଲୂକ ୧୨:୧୫ ଓ ଏଫିସୀ ୫:୩, କଲସୀ ୩:୫, ୧ମ ତୀମଥି ୬:୬) । ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନମାନେ ଆପଣା ଆପଣା ଭୂମି ବା ଗୃହ ବିକ୍ରୟ କରି, ବିକ୍ରିତ ସମ୍ପତ୍ତିର ମୂଲ୍ୟ ଆଣି ପ୍ରେରିତ ମାନଙ୍କର ପାଦତଳେ ଥୋଇଲେ । (ପ୍ରେରିତ ୪:୩୪) । ଯୀଶୁଖ୍ରୀଷ୍ଟଙ୍କ ଶିଷ୍ୟମାନେ, ଆପଣା ଆପଣାର ସମସ୍ତ ପରିତ୍ୟାଗ କରି ଯୀଶୁଖ୍ରୀଷ୍ଟଙ୍କ ଅନୁସରଣ କରିଥିଲେ । (ଲୂକ ୧୮:୨୮-୩୦) ।

ଜକ୍କିୟ ଯୀଶୁଙ୍କ ବିଷୟରେ ଶ୍ରବଣ କରିଥିଲେ । ତାହାଙ୍କ ଠାରେ ବାପ୍ତିଜିତ ହୋଇଥିଲେ । "....ଆଉ ଯଦି ଅନ୍ୟାୟରେ କାହାରିଠାରେ କିଛି ନେଇଥାଏ, ତେବେ ଚାରିଗୁଣରେ ତାହା ଫେରାଇ ଦେଉଅଛି ।" (୮ମ ପଦ) । ଏହି ବାକ୍ୟ ତାହାଙ୍କ ମନପରିବର୍ତ୍ତନ ସୁସ୍ପଷ୍ଟ କରେ । ଯୀଶୁ କହିଲେ, ".....ଆଜି ଏହି ଗୃହରେ ପରିତ୍ରାଣ ଉପସ୍ଥିତ ହୋଇଅଛି...।" (୯ମ ପଦ) । ଯୀଶୁ ଆମ୍ଭମାନଙ୍କ ଗୃହରେ ଉପସ୍ଥିତ ହେଲେ, ପରିତ୍ରାଣ ଆସେ । ଯୀଶୁଖରୀଷ୍ଟଙ୍କୁ ପାପକ୍ଷମା କରିବାରେ ଅଧିକାର ଅଛି । ସେ କ୍ରୁଶ ଉପରେ ଥିବା ଡକାୟତ କହିଥିଲେ, "....ଆଜି ତୁମ୍ଭେ ମୋହର ସହିତ ପାରଦୀଶରେ ଉପସ୍ଥିତ ହେବ ।" (ଲୂକ ୨୩:୪୩) ।

ଏବ୍ରୀ ପୁସ୍ତକ କର୍ତ୍ତା କହନ୍ତି, "ପୁତ୍ର ହେଲେ ହେଁ, ଦୁଃଖ ଭୋଗ ଦ୍ୱାରା ଆଜ୍ଞାବହତା ଶିକ୍ଷା କଲେ, ପୁଣି ସିଦ୍ଧ ହୋଇ ନିଜ ଆଜ୍ଞାକାରୀମାନଙ୍କ ପ୍ରତି ଅନନ୍ତ ପରିତ୍ରାଣର କାରଣ ସ୍ୱରୂପ ହେଲେ ।" (ଏବ୍ରୀ ୫:୯) ।

-Kabita Gootam

- So Jehovah is Jesus from the beginning.
- Isa 40:3 Prophecies that "Prepare Ye the way of the Lord".
- In fulfillment of that John the Baptist did the same. Mat 3:1-3
- There are many such verses in the O.T. about Jesus. 95% references to God in O.T. were all about Jesus.
- God began the Very first word of the O.T. with the Son! "బెరాషీత్"

**THEOPHANE IN THE O.T. : పాతనిబంధనలో దేవుని ప్రత్యక్షతలు :**

- God appeared to people in O.T. from time to time
- He appeared as an angel of the Lord, or man so people would not die seeing Him.

1. He appeared to Jacob, wrestled with him as man and changed his name to Israel.

- Jacob wrestled with a God man. Gen 32:22-30
- It says Jacob saw ELOHIM face to face, and named the place "PENUEL"

2. Manoah & Wife saw a man, an angel & God! Judg 13:1-22

- Both Jacob & Manoah asked the man of his name.
- His name was Wonderful (Judg 13:17-18)

3. Joshua saw the Chief of Jehovah is Army! Josh 5:13-15

- In all these instances it was the Lord Jesus. He fought the battles for Israel. He was the Rock that followed them. (1 Cor 10:4)

**JESUS WAS GOD WHILE ON EARTH :**

- Proved He was God by His Birth. Isa 7:14; Matt 1:21-23
- Father's Testimony. Mtt 3:16-17; 17:5; Jn. 12:27-28
- **BY HIS MIRACLES :** On People : Disease, Demons & Dead to Raise.
- On Things : Turned water to vine, walked on water, Stilled a storm & cursed a fig tree !

**BY HIS MESSAGE :**

- Preached strict moral code of conduct
- Claimed He was I AM
- Forgave sins
- Claimed He was Lord of the Sabbath.
- Soldiers could not arrest Him.

**BY HIS MORTALITY :**

- Who can find sin in me ? Jn. 8:45

**BY HIS RESURRECTION :** Rom 1:4-7

- God because he was omnicient, Logos (Col 2:3)

**JESUS WAS 100% MAN TOO :**

- In Joy and sorrows, Temptations, Hungered, Thirsted, suffered Poverty etc.,
- He willfully took on man's body. Jn. 1:14 ; Heb 10:4-6

**SHARED JOY :**

- Went to a wedding feast. Turned water to wine.
- His fist miracle was turning to water to wine.
- But the devil's first challenge was to turn Rock to bread! Mtt. 4:2-3
- Went to dinner with a leper. (MK 14:3; Mtt. 26:6-7,Jn 12 )

**HE WAS TEMPTED :**

- After 40 days fast as He hungered the devil came to tempt Him.
- He was the bread of Life (Jn. 6:48-57) Fed 1000s
- Yet He hungered and wanted to eat Figs from figtree. Matt 21:8-9

**HUNGERED :**

- Satan tempted Him with Lust of the Flesh, Lust of the Eye and pride of LIfe. Read Mtt - 4
- Pharisees & Sadducees Tempted Him at every Point.
- Was tempted in all Points, yet without Sin. Heb 4:15

**PILATE :** Introduced Him to the crowd BEHOLD THE MAN! Jn. 19:1-5

- But Christ Himself Confessed He was God "I AM" to the Chief Priest! (Mark 14:61-62) See Dan 7:13-14

**CONCLUSION :**

- God become man so man can become God like and have fellowship with Him.
- Let this mind be in you!

***Printed Book Only***

From :

SATYAVAKKU
P.O. Box 80
Kakinada - 533001

To

(FOR PRIVATE CIRCULATION ONLY)

Edited & Published by Joshua Gootam Printed by him at Satya Vani Publication, Sambamurthy St., Kakinada - 533 004